## ସଂକ୍ଷେପରେ

### ଅଂଶୁଘାତରେ ୧୦ ମାସ ଶିଶୁର ମୃତ୍ୟୁ ଅଭିଯୋଗ

**କାଳିଆପାଣି,୩।୪(ଡି.ଏନ.ଏ.):** ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ ରାଁସୋଳ ପଞ୍ଚାୟତ ମାଙ୍କେଡ଼ିଆ ବସ୍ତିର ଜଣେ ୧୦ ମାସ ଶିଶୁପୁତ୍ରର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ ବସ୍ତିର ରଘୁ ମାଙ୍କେଡ଼ିଆଙ୍କ ପୁଅ ସାଗର। ରଘୁ ଓ ତାଙ୍କ ସ୍ତ୍ରୀ ଗୁନି ପୁଅକୁ ଧରି ଜଙ୍ଗଲକୁ କାଠ ଆଣିବାକୁ ଯାଇଥିଲେ। ତେବେ ରୁଦ୍ରତାପ ପ୍ରବଳ ଥିବାରୁ ମା'ବାପା ଶିଶୁ ଟିକୁ ପାଣି ପିଆଇ ପାରି ନ ଥିଲେ। ଫଳରେ ଘରେ ପହଞ୍ଚିବା ପରେ ଶିଶୁଟିର ଦେହରେ ଉତ୍ତାପ ବଢ଼ି ଯାଇଥିଲା। ଅଙ୍ଗନୱାଡି କର୍ମୀ କୁନି ନାଏକ ପହଞ୍ଚି ଶିଶୁର ପ୍ରାଥମିକ ଚିକିତ୍ସା କରିବା ପରେ ସୁକିନ୍ଦା ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଶ୍ରୀଲଙ୍କାକୁ ଉଡ଼ାଣ ହ୍ରାସ କଲା ଏୟାର ଇଣ୍ଡିଆ



**ନୂଆଦିଲ୍ଲୀ,୩।୪:** ଦେଶର ପ୍ରମୁଖ ଘରୋଇ ବିମାନସଂସ୍ଥା ଏୟାର ଇଣ୍ଡିଆ ପକ୍ଷରୁ ରବିବାର କୁହାଯାଇଛି ଯେ, ବର୍ତ୍ତମାନ ସମୟରେ ଚାହିଦା ନ ଥିବା କାରଣରୁ ଭାରତ-ଶ୍ରୀଲଙ୍କା ବିମାନ ସେବାକୁ ହ୍ରାସ କରିବା ପାଇଁ କମ୍ପାନୀ ନିଷ୍ପତ୍ତି ନେଇଛି। ଏପରିକି ପ୍ରତି ସପ୍ତାହରେ ୧୬ଟି ବିମାନକୁ ହ୍ରାସ କରି ଏପ୍ରିଲ ୯ରୁ ସପ୍ତାହକୁ ୧୩ଟି ବିମାନକୁ ଉଡ଼ାଣ କରିବ ବୋଲି ଜଣାପଡିଛି। ଶ୍ରୀଲଙ୍କା ବର୍ତ୍ତମାନ ସମୟରେ ଅନେକ ପ୍ରକାରର ଅର୍ଥନୈତିକ ସଙ୍କଟର ସମ୍ମୁଖୀନ ହେଉଛି ଏପରି କି ଇନ୍ଧନ, ରୋଷେଇ ଗ୍ୟାସ, ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ସେଠାକାର ବାସିନ୍ଦା ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି। ଶ୍ରୀଲଙ୍କାକୁ ବର୍ତ୍ତମାନ ପରିସ୍ଥିତିରେ ଏଆଇ ସପ୍ତାହରେ ୧୬ଟି ବିମାନ ଚଳାଚଳ କରୁଛି। ଦିଲ୍ଲୀରୁ ଦୈନିକ ବିମାନ ଏବଂ ଚେନ୍ନାଇରୁ ସପ୍ତାହରେ ୯ଟି ବିମାନ ଶ୍ରୀଲଙ୍କାକୁ ଉଡାଣ ଭରୁଛି। କମ୍ପାନୀର ନୂତନ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତି ସପ୍ତାହରେ ଏଆଇର ମୋଟ ୧୩ଟି ବିମାନ ଚଳାଚଳ କରିବ ବୋଲି ମୁଖପାତ୍ର ମତବ୍ୟକ୍ତ କରିଛନ୍ତି। ଏଆଇର ନୂତନ କାର୍ଯ୍ୟସୂଚୀରେ ଚେନ୍ନାଇରୁ ଫ୍ରିକ୍ବେନ୍ସି ଅପରିବର୍ତ୍ତିତ ରହିବ, ହେଲେ ଦିଲ୍ଲୀରୁ ବିମାନ ଚଳାଚଳ ସପ୍ତାହକୁ ୭ରୁ ୪କୁ ହ୍ରାସ ପାଇବ ବୋଲି ଜଣାପଡିଛି। ଏୟାର ଇଣ୍ଡିଆ (ଏଆଇ)ର ମୁଖପାତ୍ର ଗଣମାଧ୍ୟମକୁ କହିଛନ୍ତି, ଖରାପ ଚାହିଦା ହେତୁ ଏପ୍ରିଲ ୯ରୁ ଦିଲ୍ଲୀରୁ ୭ ପରିବର୍ତ୍ତେ ୪ଟି ବିମାନ ଶ୍ରୀଲଙ୍କାକୁ ଉଡ଼ାଣ ଭରିବ। ଦିଲ୍ଲୀ-କଲମ୍ବୋ ସେକ୍ଟରରେ ଏଆଇ୨୮୩ ବର୍ତ୍ତମାନ ଏପ୍ରିଲ ୮ରୁ ମେ ୩୦ପର୍ଯ୍ୟନ୍ତ ସୋମବାର, ବୁଧବାର, ଶୁକ୍ରବାର ଏବଂ ରବିବାର ଉଡ଼ାଣ ଭରିବ। ସେହିପରି କଲମ୍ବୋ-ଦିଲ୍ଲୀ ସେକ୍ଟରରେ ଏଆଇ୨୮୪ ଏପ୍ରିଲ ୯ରୁ ମେ ୩୧ପର୍ଯ୍ୟନ୍ତ ସୋମବାର, ମଙ୍ଗଳବାର, ଗୁରୁବାର ଏବଂ ଶନିବାର ଉଡ଼ାଣ ଭରିବ। ଉଲ୍ଲେଖଯୋଗ୍ୟ, ଦ୍ବୀପ ରାଷ୍ଟ୍ର ଶ୍ରୀଲଙ୍କାର ସବୁଠାରୁ ଭୟଙ୍କର ଅର୍ଥନୈତିକ ସଙ୍କଟକୁ ନେଇ ଏକ ଯୋଜନାବଦ୍ଧ ସରକାର ବିରୋଧୀ ରାଲି ପୂର୍ବରୁ ଦେଶବ୍ୟାପୀ ସାର୍ବଜନୀନ ଜରୁରିକାଳୀନ ପରିସ୍ଥିତି ଘୋଷଣା କରାଯିବା ସହ ୩୬ ଘଣ୍ଟା ପାଇଁ କର୍ଫ୍ୟୁ ଲାଗୁ କରିବା ପରେ ଶ୍ରୀଲଙ୍କା ସରକାର ରବିବାର ଦିନ ହ୍ବାଟ୍ସଆପ୍, ଟୁଇଟର, ଫେସବୁକ୍ ଏବଂ ଇନ୍‌ଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମକୁ ବ୍ଲକ୍ କରି ଦେଇଛନ୍ତି।

# ଦୁର୍ବଳ ସୁରକ୍ଷା ବ୍ୟବସ୍ଥାରୁ ଏଭଳି ଅଘଟଣ



**ପୁରୀ ଅଫିସ:** ଶ୍ରୀମନ୍ଦିର ଇତିହାସ ତଥା ପରମ୍ପରାରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ମହାପ୍ରଭୁଙ୍କ ରୋଷଘରର ୮୦ରୁ ଊର୍ଦ୍ଧ୍ବ ଚୁଲିକୁ କେହି ଦୁର୍ବୃତ୍ତ ଭାଙ୍ଗିଦେଇଛନ୍ତି। ଏହି ଘଟଣା ସେବାୟତଙ୍କଠାରୁ ଆରମ୍ଭକରି ଅଗଣିତ ଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଛି। ଜଗନ୍ନାଥପ୍ରେମୀମାନେ ଏହାକୁ ନିନ୍ଦା କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ଶ୍ରୀମନ୍ଦିର ପ୍ରଶାସନର ଦୁର୍ବଳ ସୁରକ୍ଷା ବ୍ୟବସ୍ଥା ଯୋଗୁ ଏଭଳି ଅଘଟଣ ଘଟିଲା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ସୁରକ୍ଷା ବ୍ୟବସ୍ଥାରେ ଢିଲା



ସବୁଦିନ ପରି ରବିବାର ସକାଳୁ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରି ରୋଷଶାଳା ଯିବାରୁ ସେଠାରେ ଅନେକ ଚୁଲି ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲି। ଶ୍ରୀମନ୍ଦିର ରେକର୍ଡ ଅଫ ରାଇଟ୍ସ ଅନୁଯାୟୀ ରୋଷଶାଳାରେ ୨୬୦ ଚୁଲି ସହ ଅନ୍ୟ ଚୁଲି ରହିଛି। ପ୍ରାୟ ୮୦ରୁ ଊର୍ଦ୍ଧ୍ବ ଚୁଲି ଭଙ୍ଗାଯାଇଛି। ତେଣୁ ଭକ୍ତ ମହାପ୍ରସାଦ ପାଇବାରେ ସାମାନ୍ୟ ବିଳମ୍ବ ହୋଇଛି। ତେବେ ନୀତିକାନ୍ତି ସ୍ବାଭାବିକ ଭାବେ ଚାଲିଛି। ଏହି ଘଟଣାକୁ ନିନ୍ଦା କରୁଛି। ଯେଉଁମାନେ ଏପରି କାଣ୍ଡ ଘଟାଇଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ସୁରକ୍ଷା ବ୍ୟବସ୍ଥାରେ ଢିଲା ଯୋଗୁ ଏପରି ଅଘଟଣ ଘଟିଛି। ଶ୍ରୀମନ୍ଦିର ଇତିହାସରେ ଏଭଳି ଘଟଣା ଆଗରୁ କେବେ ଘଟି ନ ଥିଲା।

**– ନାରାୟଣ ମହାସୁଆର, ସଭାପତି, ସୁଆର ମହାସୁଆର ନିଯୋଗ**

### ଶ୍ରୀମନ୍ଦିର ଇତିହାସରେ ଏକ କଳଙ୍କ



ଏଭଳି ଘଟଣା ଶ୍ରୀମନ୍ଦିର ଇତିହାସରେ ଏକ କଳଙ୍କ। ଯେଉଁ ଚୁଲିରେ ମହାପ୍ରଭୁଙ୍କ ପାଇଁ ମା' ମହାଲକ୍ଷ୍ମୀ ନିଜ ହାତରେ ମହାପ୍ରସାଦ ପ୍ରସ୍ତୁତ କରିଥାନ୍ତି, ସେହି ଚୁଲିକୁ କେହି ଭାଙ୍ଗିବା ଗ୍ରହଣୀୟ ନୁହେଁ। ସେ ସେବାୟତ ହୁଅନ୍ତୁ କିମ୍ବା ଅନ୍ୟ କେହି, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଉଚିତ। ଏପରି କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ମହାପ୍ରଭୁ କଦାପି କ୍ଷମା କରିବେ ନାହିଁ। ତେବେ ଏହି ଅଘଟଣ ଘଟିବାରେ ସୁରକ୍ଷା ବ୍ୟବସ୍ଥା କେଉଁଠି ନା କେଉଁଠି ଦୁର୍ବଳ ରହିଛି, ତାହା ସ୍ପଷ୍ଟ ଜଣାପଡୁଛି।

**– ରବିଶଙ୍କର ପୂଜାପଣ୍ଡା ସାମନ୍ତ, ସେବାୟତ**

### କଠୋର କାର୍ଯ୍ୟାନୁଷ୍ଠାନ ହେଉ



ଶ୍ରୀମନ୍ଦିର ରୋଷଶାଳା ପରିସରରେ ଚୁଲି ଭାଙ୍ଗିବା ଘଟଣା ନିନ୍ଦନୀୟ। ଏହା ଅଗଣିତ ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଆଘାତ ଦେଇଛି। ଏଭଳି କାଣ୍ଡ ଘଟାଇଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଶ୍ରୀମନ୍ଦିର ସେବାୟତଙ୍କ ମିଳିତ ସହଯୋଗରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।

**– ନାରାୟଣ ରାମାନୁଜ ଦାଶ, ଉତ୍ତର ପାର୍ଶ୍ବ ମଠ ମହନ୍ତ**

### ମହାପ୍ରଭୁ କଦାପି କ୍ଷମା କରିବେ ନାହିଁ



ଦାରୁଦିଅଁଙ୍କ ନିମନ୍ତେ ମହାପ୍ରସାଦ ପ୍ରସ୍ତୁତ ହେଉଥିବା ଚୁଲିଗୁଡ଼ିକୁ କେହି ଦୁର୍ବୃତ୍ତ ଭାଙ୍ଗିଦେଇଥିବା ଶୁଣି ଦୁଃଖ ଓ କଷ୍ଟ ଲାଗୁଛି। ରବିବାର ଛୁଟିଦିନ ହୋଇଥିବାରୁ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ପୁରୀ ଆସିଥିଲୁ। ତେବେ ଏଠାରେ ପହଞ୍ଚି ଏଭଳି ଅଘଟଣ ସମ୍ପର୍କରେ ଶୁଣିଲୁ। ଅଘଟଣ ଯୋଗୁ ମହାପ୍ରସାଦ ପାଇବା ସମ୍ଭାବନା କମ୍। ଏପରି ଅମାନବୀୟ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ମହାପ୍ରଭୁ କେବେ କ୍ଷମା କରିବେ ନାହିଁ। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଉ।

**– ରଘୁନାଥ ବଳବନ୍ତରାୟ, ଭକ୍ତ, ମୋଟରୀ, ପୁରୀ**

### ପଦାରେ ପଡ଼ିଲା ଦୁର୍ବଳ ସୁରକ୍ଷା ବ୍ୟବସ୍ଥା



ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି କୋଟି କୋଟି ଓଡ଼ିଆଙ୍କ ଆସ୍ଥା ଓ ବିଶ୍ବାସର ପ୍ରତୀକ। ଶ୍ରୀମନ୍ଦିର ରୋଷଶାଳାରେ ଚୁଲି ଭାଙ୍ଗିବା ଦୁର୍ଭାଗ୍ୟଜନକ ଓ ଶ୍ରୀମନ୍ଦିର ଇତିହାସରେ ଏହା ନୂତନ ଘଟଣା। ତେବେ କଡ଼ା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ପରିସରରେ ସମସ୍ତ କାର୍ଯ୍ୟ ସମାହିତ ହେଉଥିବା କୁହାଯାଉଥିବାବେଳେ ଚୁଲି କିଏ ଭାଙ୍ଗିଲା ତାହା କେହି ନ ଜାଣିପାରିବା ପ୍ରତ୍ୟେକ ଜଗନ୍ନାଥପ୍ରେମୀଙ୍କୁ ବିସ୍ମିତ କରୁଛି। ଏହା ଶ୍ରୀମନ୍ଦିର ଦୁର୍ବଳ ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଛି। ଏ ନେଇ ତଦନ୍ତ ସହ କଠୋର କାର୍ଯ୍ୟାନୁଷ୍ଠାନ ଜରୁରୀ।

**– ବିଶ୍ବନାଥ ବେହେରା, ସାଧାରଣ ସମ୍ପାଦକ, ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ**

# ମାସ୍କ ସମ୍ପୂର୍ଣ୍ଣ ହଟାଇବା ଉଚିତ ନୁହେଁ: ସ୍ବାସ୍ଥ୍ୟ ବିଶେଷଜ୍ଞ

**ଭୁବନେଶ୍ବର, ୩।୪(ବ୍ୟୁରୋ)**



ବ୍ରିଟେନରେ ଦେଖା ଦେଇଥିବା କରୋନାର ନୂଆ ଭାରିଆଣ୍ଟ 'ଏକ୍ସଇ' ଅଧିକ ଲୋକଙ୍କୁ ଆକ୍ରାନ୍ତ କରିପାରେ। ଏହା ଓମିକ୍ରନର ସବ୍ ଭାରିଆଣ୍ଟ ଓ ଅତି ଶୀଘ୍ର ବ୍ୟାପିବାର ସମ୍ଭାବନା ରହିଛି। କିନ୍ତୁ ଡେଲ୍‌ଟା ପରି ଏହା ଏତେ ମାରାତ୍ମକ ହେବ ନାହିଁ। 'ଏକ୍ସଇ' ଲୋକଙ୍କ ମୃତ୍ୟୁର କାରଣ ହୋଇ ନ ପାରେ ବୋଲି ସ୍ବାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର କହିଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ଡା. ମିଶ୍ର କହିଛନ୍ତି, ଏହି ନୂଆ ଭାରିଆଣ୍ଟ ଉପରେ ବିଶ୍ବ ସ୍ବାସ୍ଥ୍ୟ ସଙ୍ଗଠନ ବି ନଜର ରଖିଛନ୍ତି। ଯେହେତୁ ନୂଆ ନୂଆ ଭାରିଆଣ୍ଟ ଆସୁଛି, ତେଣୁ ମାସ୍କ ପିନ୍ଧିବା ନେଇ ଲୋକଙ୍କୁ ଟିକିଏ ସଚେତନ କରିବା। ଏବେ ଧୀରେ ଧୀରେ ମାସ୍କ ପିନ୍ଧିବା କମିଛି। ଆଉ କିଛିଦିନ ପରେ ମାସ୍କ ପିନ୍ଧିବା ଆହୁରି କମିଯିବ। କିନ୍ତୁ ମାସ୍କ ସମ୍ପୂର୍ଣ୍ଣ ହଟାଇ ଦେବା ଉଚିତ ହେବ ନାହିଁ। କାରଣ ସଂକ୍ରମଣ ସରିନାହିଁ। ଯେଉଁଠି ଶତାଧିକ ଲୋକ ଏକାଠି ହୋଇଛନ୍ତି, ସେଠାରେ ମାସ୍କ ପିନ୍ଧିବା ଉଚିତ। ଏସବୁ ଦିଗକୁ ଧ୍ୟାନ ଦେବାକୁ ହେବ ବୋଲି ଡା. ମିଶ୍ର ଗୁରୁତ୍ବାରୋପ କରିଛନ୍ତି।

ଅପରପକ୍ଷେ ରାଜ୍ୟରେ କରୋନା ସଂକ୍ରମଣ ଆହୁରି କମିଛି। ଦୈନିକ ୫୦ ତଳକୁ ସଂକ୍ରମିତଙ୍କ ସଂଖ୍ୟା ରହୁଛି। ରବିବାର ଆଉ ୩୬ଜଣ ଚିହ୍ନଟ ହୋଇଥିବାବେଳେ ୬ଜଣ ୧୮ବର୍ଷରୁ କମ୍ ବୟସ୍କ ରହିଛନ୍ତି। ଏହି ଆକ୍ରାନ୍ତମାନେ ୧୧ଟି ଜିଲାରୁ ଚିହ୍ନଟ ହୋଇଥିବାବେଳେ ୧୯ ଜିଲାରେ ଆଦୌ ସଂକ୍ରମଣ ହୋଇନାହିଁ। ସେପଟେ କୋରାପୁଟ, ନୟାଗଡ଼ ଓ କେନ୍ଦୁଝର ଜିଲା ଏବେ କରୋନାମୁକ୍ତ ହୋଇଥିବା ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡର ତଥ୍ୟରୁ ଜଣାପଡ଼ିଛି।

# ଆକାଶରୁ ଖସିଲା ଧାତବ ବସ୍ତୁ

**ମୁମ୍ବାଇ,୩।୪**

ମହାରାଷ୍ଟ୍ର ଚନ୍ଦ୍ରପୁର ତହସିଲର ସିନ୍ଦେୱାହିର ଏକ ଖୋଲା ପଡ଼ିଆରେ ଗୋଲାକାର ମେଟାଲ ଅବ୍‌ଜେକ୍ଟ ଦେଖିବାକୁ ମିଳିଛି। ଶନିବାର ରାତିରେ ସ୍ଥାନୀୟ ଲୋକେ ଆକାଶରେ ଦୀର୍ଘକାୟ ବସ୍ତୁ ଜଳୁଥିବାର ଦେଖିଥିଲେ। ଏହାର କିଛି ସମୟ ପରେ ଏକ ଉତ୍ତପ୍ତ ମେଟାଲ ରିଙ୍ଗ୍ ଆକାଶରୁ ତଳକୁ ଖସିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଶନିବାର ବିଳମ୍ବିତ ରାତିରେ ୩ ମିଟର ଗୋଲାକାର ବିଶିଷ୍ଟ ଉତ୍ତପ୍ତ ଅଜ୍ଞାତ ଧାତବ ବସ୍ତୁ ଆକାଶରୁ ଖସିଥିବାବେଳେ ଏଭଳି କୌଣସି ବସ୍ତୁ ପୂର୍ବରୁ ଏଠାରେ ନ ଥିବା ଲୋକେ ଦାବି କହିଛନ୍ତି। ମୁମ୍ବାଇ ଡିଜାଷ୍ଟର ମ୍ୟାନେଜମେଣ୍ଟ ରୁମ୍‌ରୁ ସ୍ବତନ୍ତ୍ର ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଥିବା ଜିଲାପାଳ ଅଜୟ ଗୁଲହାନେ କହିଛନ୍ତି। ନ୍ୟୁଜିଲାଣ୍ଡସ୍‌ର ମାହିଆ ପେନସୁଲାରୁ ରକେଟ୍ ଲାବ୍ ଇଲେକ୍ଟ୍ରୋନିକ ଲଞ୍ଚରୁ ଶନିବାର ଦୁଇଟି ସାଟେଲାଇଟ୍ ଲଞ୍ଚ କରାଯାଇଥିବାବେଳେ ମିଳିଥିବା ଅବଶେଷ ରକେଟ୍‌ଲଞ୍ଚରର ହୋଇଥିବା ଆଶଙ୍କା କରାଯାଉଛି। ଅନ୍ୟପଟେ ଚାଇନା ତା'ର 'ଚାଙ୍ଗ୍ ଜେଙ୍ଗ୍ ୩ବି' ୱାଇ୭୭ ଲଞ୍ଚ କରିଥିବାବେଳେ ଉକ୍ତ ଗୋଲାକାର ବସ୍ତୁ ଚାଇନା ରକେଟର ହୋଇଥିବା ଅଷ୍ଟ୍ରୋନମର ଜୋନାଥାନ ଏମ୍‌ସିଡୋୱେଲ୍ ଟୁଇଟରରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି।



**ରକେଟ ଅବଶେଷ ଆଶଙ୍କା**

# ମାଛ ଜାଲରେ ପଡ଼ିଲା ବୋମା

**ବନ୍ତ, ୩।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋସ୍ଥିତ କପାଳୀ ନଦୀରେ ଜଣେ ବ୍ୟକ୍ତି ରବିବାର ଅପରାହ୍ନରେ ମାଛ ଧରୁଥିବା ବେଳେ ତାଙ୍କ ଜାଲରେ ୨ଟି ବୋମା ପଡ଼ିଛି। ପରେ ପୋଲିସ ବୋମା ୨ଟିକୁ ଜବତ କରି ନିଷ୍କ୍ରିୟ କରାଇଛି। ସୂଚନା ଅନୁଯାୟୀ, ଟିଲୋ ବଡ଼ସାହି ଗ୍ରାମର ଉକ୍ତ ବ୍ୟକ୍ତି ନଦୀରେ ମାଛ ଧରୁଥିଲେ। ଜାଲରେ ନଡ଼ିଆ ଭଳି ଦେଖାଯାଉଥିବା ୨ଟି ପଦାର୍ଥ ଦେଖିଥିଲେ। ସେ ଉପରକୁ ଆଣି ଦେଖିବା ପରେ ତାହା ବୋମା ବୋଲି ଜାଣି ବନ୍ତ ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବୋମା ଜବତ କରି ଥାନାକୁ ନେଇଥିଲା। ପରେ ଥାନାରେ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ବୋମା ୨ଟିକୁ ନିଷ୍କ୍ରିୟ କରିଥିଲା।

ପ୍ରକାଶ ଥାଉକି, ଗତ ମାର୍ଚ୍ଚ ୨୮ରେ ତ୍ରିକୋଣା ଛକସ୍ଥିତ ପୋଖରୀ ନିକଟରେ ଏକ ପରିତ୍ୟକ୍ତ ବ୍ୟାଗ୍ ଭିତରୁ ୩ ବୋମା ମିଳିଥିଲା। ସେଥିରୁ ଗୋଟିଏ ବୋମା ଫୁଟି ୩ ଆଦିବାସୀ ନାବାଳିକା ଗୁରୁତର ହୋଇଥିଲେ। ଅନ୍ୟ ୨ ବୋମାକୁ ପୋଲିସ ଜବତ କରିଥିଲା। ଏହାମଧ୍ୟରେ ସପ୍ତାହେ ବିତିଯାଇଥିଲେ ମଧ୍ୟ ସେଠାରେ କିଏ ଏବଂ କାହିଁକି ବୋମା ରଖିଥିଲେ ସେନେଇ ପୋଲିସ କୌଣସି ସୁରାକ୍ ପାଇପାରିନାହିଁ। ରବିବାର କପାଳୀ ନଦୀରୁ ବୋମା ବାହାରିବା ପରେ ସ୍ଥାନୀୟ ଅଞ୍ଚଳ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଏ ସମ୍ପର୍କରେ ଆଇଆଇସି ଆଦିତ୍ୟ ପ୍ରସାଦ ଜେନାଙ୍କୁ ପଚାରିବାରୁ ଉଭୟ ଘଟଣାର ତଦନ୍ତ ଚାଲିଥିବା କହିଛନ୍ତି।

# ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟଙ୍କୁ ଜୀବନବ୍ୟାପୀ ସେବା ସମ୍ମାନ

**ଭୁବନେଶ୍ବର,୩।୪(ବ୍ୟୁରୋ)**

ଦ୍ବିତୀୟ ଷ୍ଟାର୍ ଫିଲ୍ମ ଆୱାର୍ଡ ୨୦୨୨ ରବିବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଆର୍‌ଆର୍ ଇଭେଣ୍ଟ୍ସ ଆଣ୍ଡ୍ ଟିମ୍ ଦ୍ବାରା ଆୟୋଜିତ ଏହି ଉତ୍ସବରେ ହାସ୍ୟ ଅଭିନେତା ଓ ନୃତ୍ୟ ନିର୍ଦ୍ଦେଶକ ଶ୍ୟାମଳେନ୍ଦ ଭଟ୍ଟାଚାର୍ଯ୍ୟଙ୍କୁ 'ଜୀବନଜ୍ୟାପୀ ସେବା ସମ୍ମାନ'ରେ ସମ୍ମାନିତ କରାଯାଇଛି। ଶ୍ରେଷ୍ଠ ଅଭିନେତା ଭାବେ ସ୍ବରାଜ ବାରିକ, ଶ୍ରେଷ୍ଠ ଜୁରୀ ଅଭିନେତା ଜ୍ୟୋତିରଞ୍ଜନ, ଶ୍ରେଷ୍ଠ ଲୋକପ୍ରିୟ ଅଭିନେତା ସବ୍ୟସାଚୀ, ଶ୍ରେଷ୍ଠ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ଶ୍ରେଷ୍ଠ ଜୁରୀ ଅଭିନେତ୍ରୀ ଅର୍ଚ୍ଚିତା, ଶ୍ରେଷ୍ଠ ଲୋକପ୍ରିୟ ଅଭିନେତ୍ରୀ ଏଲିନା, ରୋମାଣ୍ଟିକ ଅଭିନେତ୍ରୀ ଭୂମିକା, ଜୁରୀ ଅଭିନେତ୍ରୀ ଶିବାନୀ, ଲୋକପ୍ରିୟ କମେଡ଼ିଆନ ପପୁ ପମ୍‌ପମ୍, ଶ୍ରେଷ୍ଠ କମେଡ଼ିଆନ ପ୍ରଜ୍ଞା, ଶ୍ରେଷ୍ଠ ଖଳନାୟକ ସୁଭାଶିଷ, ଲୋକପ୍ରିୟ ଖଳନାୟକ ରାଇମୋହନ ପରିଡ଼ା, ସ୍କ୍ରିପ୍ଟରେ ନିର୍ମଳ ନାୟକ, ଶ୍ରେଷ୍ଠ ଲିରିସିଷ୍ଟ ଅରୁଣ ମନ୍ତ୍ରୀ, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ, ଶ୍ରେଷ୍ଠ ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ, ଶ୍ରେଷ୍ଠ ପୁରୁଷ ଗାୟକ କୁଳଦୀପ, ଶ୍ରେଷ୍ଠ ମହିଳା ଗାୟିକା ଦୀପ୍ତିରେଖା ପାଢ଼ୀ, ଶ୍ରେଷ୍ଠ ଧାରାବାହିକ 'ତୋ ପାଇଁ' ପାଇଁ ବିନି ସାମଲ, ଶ୍ରେଷ୍ଠ କୋରିଓଗ୍ରାଫରରେ ବିଦ୍ୟୁତ ସେଠୀ ପ୍ରମୁଖଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହ ନଟିଆ କମେଡିର ସ୍ମୃତି ରଞ୍ଜନ ମହାନ୍ତି ଓ ଅନ୍ୟ କେତେଜଣଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି।

ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ବରର ପ୍ରଥମ ମହିଳା ମେୟର ସୁଲୋଚନା ଦାସ, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ସିନେ ସମୀକ୍ଷକ ଦିଲୀପ ହାଲି ପ୍ରମୁଖ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ରମେଶ ବାରିକ, ସଭାପତି ଲିଟୁ ମହାନ୍ତି, ସଚିବ ରବୀନ୍ଦ୍ର ପଣ୍ଡା, ଉପ ସଭାପତି କେ. ତମନ୍ନା ଓ ଆବାହକ ଶ୍ରୀଧର ମେହେଟ୍ଟା ଉପସ୍ଥିତ ଥିଲେ। ଶେଷରେ କଳାକାରଙ୍କ ଦ୍ବାରା ବିଭିନ୍ନ ପ୍ରକାର ନୃତ୍ୟ, ସଙ୍ଗୀତ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।






ଶ୍ୟାମଳେନ୍ଦୁ ଭଟ୍ଟାଚାର୍ଯ୍ୟଙ୍କୁ ଜୀବନବ୍ୟାପୀ ସେବା ସମ୍ମାନରେ ସମ୍ମାନିତ କରାଯାଉଛି (ବାମ)। ନଟିଆ କମେଡିର ସ୍ମୃତି ରଞ୍ଜନ ମହାନ୍ତି ପୁରସ୍କାର ଗ୍ରହଣ କରୁଛନ୍ତି।

**ଦ୍ବିତୀୟ ଷ୍ଟାର୍ ଫିଲ୍ମ ଆୱାର୍ଡ**

**ସ୍ବରାଜ ଶ୍ରେଷ୍ଠ ଅଭିନେତା, ବର୍ଷା ଶ୍ରେଷ୍ଠ ଅଭିନେତ୍ରୀ**

# ତଦନ୍ତରେ ଉତ୍କର୍ଷତା ପାଇଁ ଗିରିଶଙ୍କୁ ସ୍ବରାଷ୍ଟ୍ର ମନ୍ତ୍ରୀ ମେଡାଲ

**ଭୁବନେଶ୍ବର, ୩।୪(ବ୍ୟୁରୋ)**



ଓଡ଼ିଆ ଅଫିସର ଗିରିଶ କୁମାର ପ୍ରଧାନଙ୍କୁ ତଦନ୍ତରେ ଉତ୍କର୍ଷତା ପାଇଁ 'ସ୍ବରାଷ୍ଟ୍ର ମନ୍ତ୍ରୀ ମେଡାଲ' ପ୍ରଦାନ କରାଯାଇଛି। ସ୍ବରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଉଥିବା ଏହି ମେଡାଲ ସାରା ଦେଶରେ ମନୋନୀତ ଶ୍ରେଷ୍ଠ ଅଧିକାରୀମାନଙ୍କୁ ଦି ଆ ଯା। ଇ ଥ। ଏ। ନୂଆଦିଲ୍ଲୀରେ ଆୟୋଜିତ ସ୍ବତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ କିରେନ ରିଜିଜୁଙ୍କଠାରୁ ଗିରିଶ ମେଡାଲ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ସିବିଆଇ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଗିରିଶଙ୍କ ଘର ବରଗଡ଼ ଜିଲାରେ। ସେ ୨୦୧୮ରେ ମଧ୍ୟ ଏହି ମେଡାଲ ପାଇଥିଲେ। ଗିରିଶ ବର୍ତ୍ତମାନ ସିବିଆଇ ଭୁବନେଶ୍ବର କାର୍ଯ୍ୟାଳୟରେ ଇନ୍ସପେକ୍ଟର ଅଛନ୍ତି। ସେ ବହୁ ଗୁରୁତ୍ବପୂର୍ଣ୍ଣ ଘଟଣାର ତଦନ୍ତ କରି ସଫଳତା ହାସଲ କରିଛନ୍ତି।

# 'ମଣିଷର ମନନଶୀଳତାକୁ ପରିବର୍ତ୍ତନ କରିଥାଏ ସାହିତ୍ୟ'

**କଟକ ଅଫିସ,୩।୪**

ସାହିତ୍ୟ ମଣିଷର ମନନଶୀଳତାକୁ ପରିବର୍ତ୍ତନ କରିଥାଏ। ସେହିପରି ବୈଷୟିକ ଜ୍ଞାନକୌଶଳ ସମାଜକୁ ବଦଳାଉଥିବାବେଳେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ଖବରକାଗଜ 'ସମାଜ' ସେବାର ଆଦର୍ଶବାଦକୁ ପାଥେୟ କରି ଆଗେଇ ଚାଲିଛି। ଆଗାମୀ ପିଢ଼ିଙ୍କୁ ଗୋପବନ୍ଧୁଙ୍କ ଆଦର୍ଶ ଅନୁପ୍ରେରିତ କରୁଥିବ ବୋଲି ସାମ୍ବାଦିକ ତଥା ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ କହିଛନ୍ତି। ଲୋକସେବକ ମଣ୍ଡଳ ପକ୍ଷରୁ 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ବାର୍ଷିକ ସାରସ୍ବତ ସମ୍ମାନ ସମାରୋହ କଟକ ସାରଳା ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ହରିବଂଶ ଉଦ୍‌ଘାଟନ କରିଥିଲେ। ଲୋକସେବକ ମଣ୍ଡଳ ଓଡ଼ିଶା ଶାଖା ଅଧ୍ୟକ୍ଷ ତଥା ସମାଜର ପ୍ରକାଶକ ନିରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ରେଭେନ୍‌ଶା ବିଶ୍ବବିଦ୍ୟାଳୟ ପୂର୍ବତନ କୁଳପତି ଦେବଦାସ ଛୋଟରାୟ ଯୋଗଦେଇ ସତ୍ୟବାଦୀ ଉଚ୍ଚାରଣ କଲେ ମନରେ ଶିହରଣ ଆସେ ବୋଲି କହିଥିଲେ। ଏହି ଅବସରରେ ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କୁ ୨୦୨୧ ମସିହା ପାଇଁ ସତ୍ୟବାଦୀ ସାରସ୍ବତ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ୨୦୨୦ ପାଇଁ ପ୍ରବନ୍ଧରେ ବେଣୁଧର ପାଢ଼ୀ, ଗଳ୍ପରେ ଦେବବ୍ରତ ମଦନରାୟ, କବିତାରେ ଗାୟତ୍ରୀବାଳା ପଣ୍ଡା, ରମ୍ୟ ରଚନାରେ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଶିଶୁ ସାହିତ୍ୟ କବିତାରେ ଦେବେନ୍ଦ୍ର ଚୌଧୁରୀ, ଶିଶୁ ସାହିତ୍ୟ ଗଳ୍ପରେ ରବୀନ୍ଦ୍ର ନାଥ ମାଝୀ ଏବଂ ୨୦୨୧ ପାଇଁ ପ୍ରବନ୍ଧରେ ବ୍ରଜମୋହନ ମିଶ୍ର, ଗଳ୍ପରେ ଅର୍ଜୁନ ପୃଷ୍ଟି, କବିତାରେ ପିନାକୀ ମିଶ୍ର, ଶିଶୁ ସାହିତ୍ୟ କବିତାରେ ଡ. ସୁନାମଣି ରାଉତ, ଶିଶୁ ସାହିତ୍ୟ ଗଳ୍ପରେ ଦେବେନ୍ଦ୍ର କରଙ୍କୁ ସତ୍ୟବାଦୀ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ସତ୍ୟବାଦୀ ପତ୍ରିକାର ନିୟମିତ ଲେଖା ପ୍ରକାଶ ପାଉଥିବା ଲେଖିକାଲେଖକ ଓ ସମ୍ପାଦନା ମଣ୍ଡଳୀର ସଦସ୍ୟମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଗୋପବନ୍ଧୁଙ୍କ ସତ୍ୟବାଦୀର ବାର୍ଷିକ ସଂଖ୍ୟା ଓ ଗୋପବନ୍ଧୁ ସାହିତ୍ୟ ମନ୍ଦିର ପ୍ରକାଶିତ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ସମାରୋହରେ ସମାଜ ସମ୍ପାଦକ କାନନ ବିହାରୀ ଦାଶ ଅତିଥି ପରିଚୟ, ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା 'ସମାଜ'ର ମୁଖ୍ୟ ପ୍ରଶାସନିକ ଅଧିକାରୀ ଡ. ପ୍ରଭାସ ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମମତା ବିଶୋୟୀ, ଲହରିକା ପଟ୍ଟନାୟକ, ପ୍ରତିଭା ପାଲ ମାନପତ୍ର ପାଠ କରିଥିଲେ। ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ରାଜେନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବ୍ୟଙ୍ଗ ଚିତ୍ରଶିଳ୍ପୀ ଜ୍ଞାନ ରଥଙ୍କ ପୁସ୍ତକ ବ୍ୟଙ୍ଗଚିତ୍ର ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ।

**'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ବାର୍ଷିକ ସାରସ୍ବତ ସମ୍ମାନ ସମାରୋହ**



### ନୀଳାଦ୍ରି ଭୂଷଣ ହରିଚନ୍ଦନ ପାଇଲେ ସତ୍ୟବାଦୀ ସାରସ୍ବତ ସମ୍ମାନ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୩।୦୪।୨୦୨୨

| | |
|---|---|
| ୭,୬୯, ୦୮୫ ଟଙ୍କା | |
| ସୁନା | ୦୫ ଗ୍ରାମ ୭୫୦ ମି.ଗ୍ରା |
| ରୁପା | ୧୮ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ପକ୍ଷୀଘର ପ୍ରକାଶନୀ ପକ୍ଷରୁ ଡ. ରଜନୀ ରଞ୍ଜନଙ୍କ ଚିତ୍ର ନାଟକ 'ଅର୍ଦ୍ଧାଙ୍ଗିନୀ' ଲୋକାର୍ପଣ ଉତ୍ସବ, ସରଦେଇପୁର ଡାକବଙ୍ଗଳା ପରିସର, ବାଲକାଟି, ପୂର୍ବାହ୍ନ ୧୦ଟା ୩୦।
- ୧୬ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା, ଜନତା ମଇଦାନ, ଅପରାହ୍ନ ୩ଟା।
- ସାପ୍ତାହିକ ସମ୍ବାଦପତ୍ର ଚିରସଂଧାନ ପକ୍ଷରୁ ରାଜ୍ୟସ୍ତରୀୟ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ସଭା, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ଆଜି ମହାପ୍ରଭୁଙ୍କ ଖସାପଡ଼ା ନୀତି

**୪ ଘଣ୍ଟା ବନ୍ଦ ରହିବ ଦର୍ଶନ**

**ପୁରୀ ଅଫିସ, ୩।୪:** ଚୈତ୍ର ଶୁକ୍ଳ ତୃତୀୟା ତିଥିରେ ସୋମବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଖସାପଡ଼ା ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଅର୍ଥାତ୍ ସୋମବାର ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ୪ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ପରେ ଏହି ନୀତି ସମ୍ପାଦନ କରାଯିବ।

### ବୋହୂ ଆଗରେ ଚାଲିଗଲା ଶ୍ୱଶୁରଙ୍କ ଜୀବନ

**ଭୁବନେଶ୍ୱର,୩।୪(ବ୍ୟୁରୋ) :** ରାସ୍ତାରେ ଛିଡା ହୋଇଥିବାବେଳେ ଟ୍ୟାଙ୍କର ଧକ୍କା ଦେବାରୁ ବୋହୂ ଆଗରେ ଚାଲିଯାଇଛି ଶ୍ୱଶୁରଙ୍କ ଜୀବନ। ଏଭଳି ଅଭାବନୀୟ ଘଟଣା ଭୁବନେଶ୍ୱର ପଳାଶୁଣି ନିକଟରେ ଘଟିଛି। ମୃତକ ହେଲେ ଭୁବନେଶ୍ୱର ରସୁଲଗଡ ଅଞ୍ଚଳରେ ରହୁଥିବା ଜଗତ୍‌ସିଂହପୁର ଜିଲା ବରମୁଣ୍ଡଳୀର ଅଲେଖ ଶତପଥୀ (୭୬)। ତେବେ ଏହି ଦୁର୍ଘଟଣାରେ ବୋହୂ ରଞ୍ଜିତା ଶତପଥୀ ମଧ ସାମାନ୍ୟ ଆହତ ହୋଇଛନ୍ତି। ଏନେଇ ମଞ୍ଚେଶ୍ୱର ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ଜଗତ୍‌ସିଂହପୁର ଏରସମା ଅଞ୍ଚଳର ମାନସ ସେଠୀଙ୍କୁ ଗିରଫ କରିବା ସହ ଉକ୍ତ ଗାଡିକୁ ଜବତ କରିଛି।
ସୂଚନାନୁସାରେ, ରବିବାର ସକାଳେ ଶ୍ୱଶୁର ଅଲେଖ ଓ ବହୂ ରଞ୍ଜିତା ପଳାଶୁଣି ନିକଟକୁ କୌଣସି କାମରେ ଯାଇଥିଲେ। ଏହି ସମୟରେ କଟକ ଆଡୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ୟାଙ୍କର ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଛିଟିକି ପଡିଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଅଲେଖଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ପୁଅ ସଞ୍ଜୟ ଶତପଥୀ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ଡ୍ରାଇଭର ମାନସଙ୍କୁ ଗିରଫ କରିଥିଲା। ଏନେଇ ପୋଲିସ ୧୦୪/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।

# ଆକର୍ଷଣ ସାଜିଛି ଦିବ୍ୟାଙ୍ଗ, ଟ୍ରାନ୍ସଜେଣ୍ଡରଙ୍କ ଷ୍ଟଲ

## ଜମୁଛି ତୋଷାଳି ମେଳା

ଭୁବନେଶ୍ୱର,୩।୪ (ବ୍ୟୁରୋ)

ଜନତା ମଇଦାନରେ ଚାଲିଥିବା ଜାତୀୟ ହସ୍ତତନ୍ତ ମେଳା 'ତୋଷାଳି' ଦିନକୁ ଦିନ ଜମିବାରେ ଲାଗିଛି। କରୋନା କଟକଣା ପାଇଁ ଦୁଇବର୍ଷ ଧରି ମେଳା ଓ ମହୋତ୍ସବ ବନ୍ଦ ରହିଥିଲା। ଏବେ କଟକଣା କୋହଳ ସହ ତୋଷାଳିରେ ଦେଶର ସ୍ୱତନ୍ତ୍ର ତଥା ନିଖୁଣ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ପସରା ମେଳିଥିବାରୁ ଲୋକଙ୍କ ଭିଡ଼ ଜମୁଛି। ଯୁବ ବର୍ଗଙ୍କଠାରୁ ଆରମ୍ଭ କରି ବରିଷ୍ଠଙ୍କୁ ମଧ ଦେଖିବାକୁ ମିଳୁଛି। ଅଧିକାଂଶ ପରିବାର ସହ ଆସି କିଣାକିଣି ଓ ମେଳା ବୁଲାର ମଜା ଉଠାଉଛନ୍ତି। ତେବେ ମେଳାରେ ୩୯୦ ଷ୍ଟଲ୍ ରହିଥିବାବେଳେ ବିଶେଷ ଆକର୍ଷଣ ସାଜିଛି ଦିବ୍ୟାଙ୍ଗ, ଟ୍ରାନ୍ସଜେଣ୍ଡର ଓ ସ୍ୱୟଂ ସହାୟକ ଗୋଷ୍ଠୀର ଷ୍ଟଲ। ଦିବ୍ୟାଙ୍ଗ କାରିଗରମାନେ ଗୋଟିଏ ଷ୍ଟଲରେ ହସ୍ତତନ୍ତ ଓ ଦୁଇଟି ଷ୍ଟଲରେ ହସ୍ତଶିଳ୍ପ ସାମଗ୍ରୀ ତିଆରି ସହ ବିକ୍ରୟ କରୁଛନ୍ତି।



ମେଳାର 'ଥିମ୍ ପାଭିଲିଅନ୍'ରେ ଆକର୍ଷଣୀୟ କାଇଁଚ ହସ୍ତଶିଳ୍ପ ସାମଗ୍ରୀ।



ଟ୍ରାନ୍ସଜେଣ୍ଡରଙ୍କ ଷ୍ଟଲରେ ଗ୍ରାହକଙ୍କ ଭିଡ଼।

ହସ୍ତତନ୍ତ ଷ୍ଟଲରେ ବେଡ୍‌ଶିଟ୍, ତକିଆ ଖୋଳ, ବ୍ୟାଗ୍, ପର୍ସ ଆଦି ଭିନ୍ନ ଭିନ୍ନ ହସ୍ତତନ୍ତ ସାମଗ୍ରୀ ଏବଂ ସବାଇଘାସରେ ତିଆରି ମ୍ୟାଟ୍, ଫୁଲଚାଙ୍ଗୁଡ଼ି, ଡବା, ଟ୍ରେ, ହଟ୍ କେସ୍, ପର୍ସ, ପେନ୍ ଷ୍ଟାଣ୍ଡ, କ୍ୟାପ୍ ଆଦି ରହିଛି। ସେହିଭଳି ଟ୍ରାନ୍ସଜେଣ୍ଡରମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ସେମାନଙ୍କର ଆର୍ଥିକ ପ୍ରଗତି ନିମନ୍ତେ ଟ୍ରାନ୍ସଜେଣ୍ଡର ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ୩ଟି ହସ୍ତଶିଳ୍ପ ଷ୍ଟଲରେ ଭଲ ବିକ୍ରିବଟା ହେଉଛି। ଏହି ଷ୍ଟଲରେ କତା ତିଆରି ଘୋଡ଼ା, ହାତୀ, ବାଇଚଢ଼େଇ ବସା, ଜିରାଫ୍ ଇତ୍ୟାଦି ରହିଛି। ଏହା ସହିତ ପିତ୍ତଳର ଦୀପ, କଇଁଛ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଏବଂ ଅନ୍ୟ ଏକ ଷ୍ଟଲରେ ଚାନ୍ଦୁଆ, ଭ୍ୟାନିଟି ବ୍ୟାଗ୍, ଟେବୁଲ କ୍ଲଥ୍ ଆଦି ତିଆରି କରାଯାଇ ବିକ୍ରୟ ହେଉଛି। ସେମାନଙ୍କ ସାମଗ୍ରୀ କିଣିବାକୁ ଲୋକେ ବେଶ୍ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି।
ରବିବାର ସପ୍ତମ ସନ୍ଧ୍ୟାରେ ଅତିଥି ଭାବେ ପଦ୍ମବିଭୂଷଣ ପ୍ରିତିଭା ରାୟ, କଣ୍ଠଶିଳ୍ପୀ ଡ. ଆଦ୍ୟାଶା ଦାସ ଓ ଦୁର୍ନୀତି ନିବାରଣ ବିଭାଗ ନିର୍ଦ୍ଦେଶକ ୱାଇ .କେ. ଜେଠୱା ଯୋଗଦେଇଥିଲେ। ମେଳା ମଞ୍ଚରେ ଶ୍ରୀମୟୀ ଓ ମୟୂର ଆର୍ଟସ ଅନୁଷ୍ଠାନର କଳାକାରମାନେ ଛଉ, ସମ୍ବଲପୁରୀ, ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଗୋପାଳ ଚନ୍ଦ୍ର ସେଠ ଓ ସାଥୀଙ୍କ ଦ୍ୱାରା ଦାସକାଠିଆ ପରିବେଷିତ ହୋଇଥିଲା। ଏହାକୁ ମେଳାକୁ ଆସୁଥିବା ଲୋକେ ବେଶ୍ ଉପଭୋଗ କରିଥିଲେ।
ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ମାର୍ଚ୍ଚ ୨୮ରୁ ଏହି ଷୋଡ଼ଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଆରମ୍ଭ ହୋଇଛି। ଦେଶର ବିଭିନ୍ନ ସ୍ଥାନରୁ କାରିଗର ଓ ବୁଣାକାର ଏହି ହସ୍ତଶିଳ୍ପ ମେଳାରେ ଅଂଶଗ୍ରହଣ କରି ସେମାନଙ୍କର ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପ ଉତ୍ପାଦ ପ୍ରଦର୍ଶନ ଏବଂ ବିକ୍ରୟ କରୁଛନ୍ତି। ଚଳିତ ବର୍ଷ ମେଳାର 'ଥିମ୍ ପାଭିଲିଅନ୍'ରେ ସଂକଳ୍ପ ଜାତୀୟ ପ୍ରକଳ୍ପ ଅଧୀନରେ କେନ୍ଦ୍ରାପଡ଼ାର କାଇଁଚ ହସ୍ତଶିଳ୍ପକୁ ପ୍ରଦର୍ଶନ କରାଯାଉଛି। ତୋଷାଳି ମେଳା ଦେଶର ବାର୍ଷିକ ଉତ୍ସବ କ୍ୟାଲେଣ୍ଡରରେ ନିଜର ଏକ ନିଆରା ସ୍ଥାନ ନିରୂପଣ କରିସାରିଛି। ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ।

# 'ହ୍ୱେନ୍ ହ୍ୟୁମାନ୍ସ ଷ୍ଟଡି ହ୍ୟୁମାନ୍ସ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୩।୪(ବ୍ୟୁରୋ)

ବିଶିଷ୍ଟ ନୃତତ୍ତ୍ୱବିତ୍ ପ୍ରଫେସର ରବର୍ଟ ପାର୍କିନ୍‌ଙ୍କ ପୁସ୍ତକ 'ହ୍ୱେନ୍ ହ୍ୟୁମାନ୍ସ ଷ୍ଟଡି ହ୍ୟୁମାନ୍ସ' ରବିବାର ଉତ୍କଳ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ହଲ୍‌ରେ ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକଟି ପ୍ରଫେସର ଏଲ୍. କେ. ମହାପାତ୍ରଙ୍କୁ ଉତ୍ସର୍ଗ କରାଯାଇଛି। ପ୍ରଫେସର ମହାପାତ୍ର ୨୫ ବର୍ଷ ଧରି ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଧାପନା କରି ବିଭାଗକୁ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିଥିଲେ। ଲେଖକ ପ୍ରଫେସର ପାରକିନ୍‌ଙ୍କ ସମେତ ବିଶ୍ୱର ବହୁ ବିଶିଷ୍ଟ ବିଦ୍ୱାନ ଏଠାରେ ଗବେଷଣା କରିବା ସହ ଶିକ୍ଷାଦାନ କରିଥିଲେ। ସାମାଜିକ ଏବଂ ସାଂସ୍କୃତିକ ନୃତତ୍ତ୍ୱ ଉପରେ ପର୍ଯ୍ୟବସିତ ଏହି ପୁସ୍ତକଟି ଲାବଣ୍ୟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ ଷ୍ଟଡିଜ୍ ପକ୍ଷରୁ ଶିକ୍ଷାସନ୍ଧାନ ସହାୟତାରେ ପ୍ରକାଶ ପାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଓ ପ୍ରଫେସର ମହାପାତ୍ରଙ୍କ ବହୁ ଛାତ୍ରୀଛାତ୍ର ଉପସ୍ଥିତ ରହି ଏହାକୁ ଉନ୍ମୋଚନ କରିଥିଲେ।






କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ଲେଖକ ନୃତତ୍ତ୍ୱବିତ୍ ପ୍ରଫେସର ରବର୍ଟ ପାର୍କିନ୍ ଓ ଅନ୍ୟମାନେ (ବାମ) ଏବଂ ଉନ୍ମୋଚିତ ପୁସ୍ତକ।

ପ୍ରଫେସର ଯତୀନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତା କରିଥିବାବେଳେ ଅବସରପ୍ରାପ୍ତ ପ୍ରଫେସର କେ. ସି. ତ୍ରିପାଠୀ, ଲାବଣ୍ୟା ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ପି. କେ. ନାୟକ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କେ. କେ. ମିଶ୍ର, ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ପ୍ରଫେସର ଅଖିଳ ବିହାରୀ ଓଟା ପ୍ରମୁଖ ଉପସ୍ଥିତ ଥିଲେ। ନୃତତ୍ତ୍ୱ ପ୍ରତି ପ୍ରଫେସର ମହାପାତ୍ରଙ୍କ ଅବଦାନକୁ ନେଇ ପୁସ୍ତକ ରଚନା କରିବା ପାଇଁ ପି. କେ. ନାୟକ ପ୍ରସ୍ତାବ ଦେଇଥିଲେ। ପ୍ରଫେସର ଅଖିଳ ବିହାରୀ ଓଟା ଏବଂ ଅନ୍ୟ ସାଙ୍ଗମାନେ ଏଭଳି ଏକ ପୁସ୍ତକ ପ୍ରକାଶନ ପାଇଁ ଦାୟିତ୍ୱ ନେଇଥିଲେ। ବିଶ୍ୱବିଦ୍ୟାଳୟରେ ପ୍ରଫେସର ମହାପାତ୍ରଙ୍କ ନାମରେ ଗୋଲ୍ଡ ମେଡାଲ ଏବଂ ପ୍ରଫେସର ଚେୟାର କରିବା ପାଇଁ ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ପ୍ରଫେସର ଓଟା ପ୍ରସ୍ତାବ ଦେଇଥିଲେ।

# ଖଣିରେ ଚଢ଼ାଉ

**୨ ଗିରଫ**
**୮ ଗାଡ଼ି ଜବତ**

ଖୋର୍ଦ୍ଧା ଅଫିସ,୩।୪

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ଶରଧାପୁର ଅଞ୍ଚଳରେ ଥିବା ବେଆଇନ ଖଣି ଉପରେ ରବିବାର ପୋଲିସ ଚଢ଼ାଉ କରିଛି। ଚଢ଼ାଉ ବେଳେ ପୋଲିସ ମାଙ୍କଡ଼ା ପଥର ବୋଝେଇ ଦୁଇଟି ହାଇୱା, ମିନିଟ୍ରକ୍, ଟ୍ରକ୍ ଓ ଟ୍ରାକ୍ଟରକୁ ମିଶାଇ ମୋଟ୍ ୮ଟି ଗାଡ଼ି ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ସତ୍ୟ ରଞ୍ଜନ ବରାଳ (୧୯) ଓ ସୁକାନ୍ତ ନାୟକ (୨୧)। ତେବେ ଅନ୍ୟ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏନେଇ ଟାଉନ ଥାନାରେ ଏକ ମାମଲା (ନଂ.୧୬୧/୨୨)ରୁଜୁ ହୋଇଛି। ଖୋର୍ଦ୍ଧା ଏସ୍‌ପି ଅଲେଖ ଚନ୍ଦ୍ର ପହି, ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଟାଉନ ଥାନା ଇନଚାର୍ଜ ଡିଏସ୍‌ପି ସଞ୍ଜୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସାଇ



@ କୈଳାସ



@ ଶୈଳେନ୍ଦ୍ର



@ ଲିଙ୍ଗରାଜ



@ ସମୀକ୍ଷା



@ ସଂଗ୍ରାମ

# ବନ୍ଧ ଖୋଳାକୁ ବିରୋଧ କରି ଫାଙ୍କା ଗୁଳିଚାଳନା

ଭୁବନେଶ୍ୱର,୩।୪(ବ୍ୟୁରୋ)

ରାଜଧାନୀରେ ପୁଣି ଗୁଳି ଫୁଟିଛି। ସରକାରୀ ଜମିରୁ ମାଟି ଉଠାଣ ଓ ବନ୍ଧ ଖୋଳାକୁ ବିରୋଧ କରି ଜଣେ ଅବସରପ୍ରାପ୍ତ ଆର୍ମି ଅଫିସର ଗୁଳି ଫୁଟାଇଛନ୍ତି। ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଗ୍ରାମରେ ଏହି ଘଟଣା ଘଟିଛି। ଏଥିରେ କେହି ଆହତ ହୋଇ ନ ଥିଲେ ମଧ ପୋଲିସ ମାମଲା (ନଂ.୭୨/୧୨) ରୁଜୁ କରି ସମ୍ପୃକ୍ତ ଅବସରପ୍ରାପ୍ତ ଆର୍ମି ଅଫିସରଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଗ୍ରାମର ଶ୍ରୀକାନ୍ତ ଚମ୍ପତି (୪୦)। ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ କହିଛନ୍ତି, ଶ୍ରୀକାନ୍ତ ଜଣେ ପୂର୍ବତନ ଅଫିସର ହୋଇଥିବାରୁ ତାଙ୍କ ପାଖରେ ଲାଇସେନ୍ସପ୍ରାପ୍ତ ପିସ୍ତଲ ରହିଛି। ହେଲେ ବାଆଇନ ଭାବେ ସେଥିରୁ ଗୁଳି ଫୁଟାଇଥିବାରୁ ତାଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଉକ୍ତ ପିସ୍ତଲ ମଧ ଜବତ କରାଯାଇଛି। ସୋମବାର ଅଭିଯୁକ୍ତ ଶ୍ରୀକାନ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସେ କହିଛନ୍ତି।



**ଅବସରପ୍ରାପ୍ତ ଆର୍ମି ଅଫିସର ଗିରଫ, ପିସ୍ତଲ ଜବତ**

ତାଙ୍କ ସୂଚନା ଅନୁଯାୟୀ, ରବିବାର ମଧାହ୍ନ ୧ଟାରେ ଶିଶୁପାଳଗଡ଼ର ବାସିନ୍ଦା ରବି ପାତ୍ର ନିଜ ଘରଠାରୁ ୧ କି.ମି. ଦୂରରେ ଥିବା ସରକାରୀ ଜମିରେ ରହିଥିବା ଏକ ବନ୍ଧକୁ ଖୋଳି ତାଙ୍କ ପ୍ଲଟ୍‌ରେ ମାଟି ପକାଉଥିଲେ। ଶ୍ରୀକାନ୍ତ ସେଠାକୁ ଯାଇ ମାଟି ଉଠାଇବାକୁ ବିରୋଧ କରିଥିଲେ। ଫଳରେ ଦୁହିଙ୍କ ମଧରେ ବଚସା ହୋଇଥିଲା। ଝଗଡ଼ା ହେବାରୁ ଭୟଭୀତ କରିବାକୁ ଶ୍ରୀକାନ୍ତ ତାଙ୍କ ପିସ୍ତଲରୁ ବ୍ଲାଙ୍କ ଫାୟାରିଂ କରିଥିଲେ। ଏନେଇ ରବି ଥାନାରେ ଅଭିଯୋଗ କରିଥିଲେ।

# ରଥରେ ଲାଗିଲା ୪ ନାହାକା

**ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା**

ପୁରୁଣା ଭୁବନେଶ୍ୱର,୩।୪(ଡି.ଏନ୍.ଏ.)

ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଏନେଇ ରବିବାର ମଧାହ୍ନରେ ରୁକୁଣା ରଥ ପାଇଁ ନାହାକା ପୂଜା କରାଯାଇଥିଲା। ପରେ ମହାରଣା ସେବାୟତମାନେ ୪ ନାହାକାରେ ଚାରଖୁମ୍ବ ଲଗାଇ ପଞ୍ଚାଣ ମାଡ଼ କରିଥିଲେ। ରାତି ପ୍ରାୟ ୧୧ଟା ସୁଦ୍ଧା ୪ଚକ ଲଗାଯାଇ ସେଟ୍ କରାଯାଇଥିଲା। ତେବେ ମାହାଳ ଓ କୁମ୍ଭୀ କାଠ ଏଯାବତ୍ ରଥଖଳାରେ ପହଞ୍ଚି ପାରି ନ ଥିବାରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭୂଇଁ କାର୍ଯ୍ୟ ବିଳମ୍ବ ହୋଇଥିବା ଜଣାପଡ଼ିଛି। ବିଭିନ୍ନ ଅଞ୍ଚଳରୁ ପ୍ରାୟ ୬୫ଜଣ ମହାରଣା ରୁକୁଣା ରଥ ନିର୍ମାଣରେ ନିୟୋଜିତ ଥିବା ବେଳେ ନେତ୍ର ଉତ୍ସବ ପୂର୍ବରୁ ରଥକୁ ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିବା ନେଇ ଆଶଙ୍କା ଦେଖାଦେଇଛି। ଅନ୍ୟପଟେ ସର୍ଦ୍ଧାରୀ ମହାରଣା, ବଟକୃଷ୍ଣ ମହାରଣା ଓ ସୋମନାଥ ମହାରଣା ନେତ୍ର ଉତ୍ସବ ପୂର୍ବରୁ ମନ୍ଦିର ପ୍ରଶାସନକୁ ରଥ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି।




ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରବିବାର ଭୁବନେଶ୍ୱର ବୁଦ୍ଧ ମନ୍ଦିର ପରିସରରେ ୮ମ ଜାତୀୟ ପାଠଚକ୍ର ଓ ପୁସ୍ତକ ଲୋକାର୍ପଣ ଉତ୍ସବରେ ଅତିଥିମାନେ ୩ଟି ପୁସ୍ତକକୁ ଲୋକାର୍ପଣ କରୁଛନ୍ତି।




ଉତ୍କଳ ଦିବସରେ ବରଗଡ଼ରେ ଓଡ଼ିଶାକୁ ଘୃଣା କରିବା ସହ ଅଶାଳୀନ ମନ୍ତବ୍ୟ ଦେଇଥିବା ୱେଷ୍ଟର୍ନ ଯୁବମଞ୍ଚ ସଦସ୍ୟଙ୍କୁ ଗିରଫ ଦାବିରେ ରବିବାର ଜନମଙ୍ଗଳ ପରିଷଦ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।



ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ନିର୍ମାଣାଧୀନ ରଥରେ ଚାରି ନାହାକା ଲାଗିବା ପୂର୍ବରୁ ପୂଜାର୍ଚ୍ଚନା କରାଯାଉଛି।

## ସଂକ୍ଷେପରେ

### ପ୍ରଫେସର ବୀରେନ୍ଦ୍ର ତିୱାରୀ ଆଇଆଇଟି ନିର୍ଦ୍ଦେଶକ

**ଜଟଣୀ,୩।୪(ଡି.ଏନ୍.ଏ.):** ଜଟଣୀ ଅରଗୁଲସ୍ଥିତ ଆଇଆଇଟି ଭୁବନେଶ୍ୱରର ନୂତନ ନିର୍ଦ୍ଦେଶକ ଭାବେ ପ୍ରଫେସର ବୀରେନ୍ଦ୍ର କୁମାର ତିୱାରୀ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଇଆଇଟି ଖଡ଼ଗପୁରରେ ନିର୍ଦ୍ଦେଶକ ଭାବେ ପ୍ରଫେସର ତିୱାରୀ ଥିବା ବେଳେ ଭୁବନେଶ୍ୱର ଆଇଆଇଟିର ମଧ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇବେ। ସ୍ଥାୟୀ ନିର୍ଦ୍ଦେଶକ ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ପ୍ରକାଶ ଯେ, ପ୍ରଫେସର ଆର.ଭି. ରାଜକୁମାର ୫ବର୍ଷ ପାଇଁ ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ଥିବା ବେଳେ ସେ ଆଉ ୨ବର୍ଷ ଏହି ଦାୟିତ୍ୱରେ ରହିଥିଲେ। ୭ବର୍ଷ ପରେ କାର୍ଯ୍ୟ କାଳ ବୃଦ୍ଧି ନ ହେବାରୁ ପ୍ରଫେସର ରାଜକୁମାର ଖଡ଼ଗପୁର ଆଇଆଇଟିକୁ ଫେରି ଯାଇଥିବା ଜଣାପଡ଼ିଛି।

### ସେଣ୍ଟ୍ରାଲ ବ୍ୟାଙ୍କ ସେବାନିବୃତ୍ତ ସଂଘର ବୈଠକ

**ଭୁବନେଶ୍ୱର, ୩।୪ (ବ୍ୟୁରୋ):** ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସେବାନିବୃତ୍ତ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ଶନିବାର ଭୁବନେଶ୍ୱର ବୁଦ୍ଧମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସଂଘର ଅନ୍ୟତମ ପ୍ରତିଷ୍ଠାତା ସୁଭାଷ ଚନ୍ଦ୍ର ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସମ୍ମିଳନୀ ଆରମ୍ଭ ହୋଇଥିଲା। ସ୍ତମ୍ଭକାର ସରଳ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଅବସର ପରେ ବରିଷ୍ଠମାନେ ସମାଜର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରିଲେ ସମାଜର ମଙ୍ଗଳ ହେବା ସହ ନିଜକୁ ମଧ ସୁସ୍ଥ ସବଳ ରଖିପାରିବେ। ବୈଠକରେ ବିଶ୍ୱରଞ୍ଜନ ଶତପଥୀ ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ରାଉତ ବିବରଣୀ ପାଠ କରିବା ସହ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ଶନ ଓ ଅନ୍ୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି କରିଥିଲେ। ରାଜ୍ୟ ସେଣ୍ଟ୍ରାଲ ବ୍ୟାଙ୍କ କର୍ମଚାରୀ ଓ ଅଫିସର ସଂଘ ପକ୍ଷରୁ ଓଁକାରନାଥ ମହାନ୍ତି ଓ ରବୀନ୍ଦ୍ରନାଥ ଦାସ ଶୁଭେଚ୍ଛା ଜଣାଇଥିଲେ। ଆଲୋଚନାରେ କିଶୋର ଜେନା, ପ୍ରମୋଦ କୁମାର ମହାନ୍ତି, କୈଳାସ ଚନ୍ଦ୍ର ପରିଡ଼ା, ଦିଲୀପ ବେହେରା, ସୁଦର୍ଶନ ରାଜ ଓ କୋଷାଧ୍ୟକ୍ଷ ଡ. ଅଭିରାମ ଦାସ ପ୍ରମୁଖ ଭାଗ ନେଇଥିଲେ। ଉପସଭାପତି ରବୀନ୍ଦ୍ର ନାଥ ସୂତାର ଧନ୍ୟବାଦ ଦେଇଥିଲେ।

### ରାସ୍ତାରେ ଓଲଟିଲା ଗାଡ଼ି, ଚାଳକ ଓ ହେଲ୍‌ପର ଆହତ

**ବାରଙ୍ଗ, (ଡି.ଏନ୍.ଏ.):** ବରିମୁଣ୍ଡ କୁଆଖାଇ ନଦୀବନ୍ଧ ରାସ୍ତାରେ ରବିବାର ଏକ ପାଇଖାନା ଟାଙ୍କି ସଫେଇ ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଡ୍ରାଇଭର ଓ ହେଲ୍‌ପର ଗାଡି ଭିତରେ ରହି ଯାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଉଭୟଙ୍କୁ ଗାଡିରୁ ଉଦ୍ଧାର କରିଥିଲେ। ବରିମୁଣ୍ଡର ଜଣଙ୍କ ଘରୁ ଟାଙ୍କି ସଫା ସାରି ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

# ଲକ୍ଷାଧିକ ଟଙ୍କାର ଏଲ୍‌ଇଡି ୱାଲ ସ୍କ୍ରିନ ଲୁଟ୍

**ଖୋର୍ଦ୍ଧା ଅଫିସ,୩।୪**

ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥ ଅସୁରକ୍ଷିତ ହୋଇପଡ଼ିଛି। ଏହି ରାସ୍ତାରେ ଲୁଟପାଟ୍ ଘଟଣା ବଢିଚାଲିଛି। ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ଏଲ୍‌ଇଡି ସ୍କ୍ରିନ ବୋଝେଇ ଟାଟା ଏସିଇ ଗାଡ଼ିକୁ ଅପହରଣ କରି ସାମଗ୍ରୀ ଲୁଟିନେଇଥିବା ବାଘମାରୀ ଥାନାରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ କରି ଉକ୍ତ ଗାଡ଼ିକୁ ଖୋର୍ଦ୍ଧା ଉପକଣ୍ଠ ଅରାଙ୍ଗ ଜଙ୍ଗଲରୁ ଜବତ କରିଥିଲେ ମଧ ସାମଗ୍ରୀ ମିଳିପାରିନାହିଁ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଶନିବାର ରାତିରେ ଜି.ଉଦୟଗିରିରେ ଏକ ମହୋତ୍ସବରେ ଯୋଗଦେଇ ସନ୍ତୋଷ କୁମାର ଗୌଡ଼ ୨ଜଣ ସାଥୀଙ୍କ ସହ ଏକ ଟାଟା ଏସିଇ ଗାଡ଼ି (ନଂ. ଓଡି୦୨-ଏପି-୨୦୩୬)ରେ ଏଲ୍‌ଇଡି ସ୍କ୍ରିନ ବୋଝେଇ କରି ଭୁବନେଶ୍ୱର ଫେରୁଥିଲେ। ରାତି ପ୍ରାୟ ସାଢେ ୨ଟାରେ ଜାତୀୟ ରାଜପଥର ବାଘମାରୀସ୍ଥିତ ହଟ୍ଟକେଶ୍ୱର ମହିଳା ମହାବିଦ୍ୟାଳୟ ପୋଖରୀ ନିକଟରେ ହଠାତ ଗାଡ଼ିର ଇଞ୍ଜିନ ଗରମ ହୋଇଯାଇଥିଲା । ଡ୍ରାଇଭର ଗାଡ଼ିକୁ ରାସ୍ତାପାର୍ଶ୍ୱରେ ପାର୍କ କରି ପୋଖରୀରୁ ପାଣି ଆଣିବାକୁ ଯାଇଥିଲେ। ଏହି ସମୟରେ ପଛରୁ ଏକ କାର୍‌ରେ ପିଛା କରି ଆସୁଥିବା କେତେଜଣ ଦୁର୍ବୃତ୍ତ ତାଙ୍କୁ ଭୟଭୀତ କରାଇ ଟାଟା ଏସିଇ ଧରି ଚମ୍ପଟ ମାରିଥିଲେ। ସନ୍ତୋଷଙ୍କ ଅଭିଯୋଗ କ୍ରମେ ବାଘମାରୀ ଥାନାରେ ପୋଲିସ ଏକ କେସ୍ (ନଂ. ୩୭/୨୨) ରୁଜୁ କରିଛି। ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର ଓ ଥାନାଧିକାରୀ ଅର୍ଚ୍ଚନା ମଲିକ ତଦନ୍ତ ଆରମ୍ଭ କରିଥିଲେ। ଅରାଙ୍ଗ ଜଙ୍ଗଲରେ ଗାଡ଼ିକୁ ଦୁର୍ବୃତ୍ତମାନେ ଛାଡ଼ି ଚାଲିଯାଇଥିବା ପୋଲିସ ଅଧିକାରୀ ଦ୍ୱୟ ଖବରପାଇ ରବିବାର ମଧାହ୍ନ ସାଢେ ୧୨ଟାରେ ସେଠାରେ ପହଞ୍ଚି ଗାଡ଼ି ଜବତ କରିଥିଲେ।

### ଅପହୃତ ଗାଡ଼ି ଅରାଙ୍ଗ ଜଙ୍ଗଲରୁ ଜବତ

### ଜରିପୁଟ ଜଙ୍ଗଲରେ ଚଢ଼ାଉ: ବୋମା, ବାଇକ୍ ଜବତ

**ଖୋର୍ଦ୍ଧା ଅଫିସ,୩।୪**

ଖୋର୍ଦ୍ଧା ଟାଉନ ଥାନା ପୋଲିସ ରବିବାର ଜରିପୁଟ ଜଙ୍ଗଲରେ ଚଢ଼ାଉ କରି ଏକ ଗୃହରୁ ବାଇକ୍, ସ୍କୁଟି, ୫ଟି ବୋମା ଓ ୫୦୦ଗ୍ରାମ ଗନ୍ ପାଉଡର ଜବତ କରିଛି। ଏହି ପାଉଡରର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ତେବେ ଏହି ଘଟଣାରେ କେହି ଧରାପଡ଼ି ନ ଥିବା ବେଳେ ପୋଲିସ ଏକ ମାମଲା (ନଂ.୧୬୦/୨୨)ରୁଜୁ କରି ତଦନ୍ତ ଚଳାଇଛି। ଏସ୍‌ପି ଅଲେଖ ଚନ୍ଦ୍ର ପହୀ, ଖୋର୍ଦ୍ଧା ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଟାଉନ ଥାନା ଇନଚାର୍ଜ ଡିଏସ୍‌ପି ସଞ୍ଜୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ପଦ୍ମଲୋଚନ ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।



# ରାଜ୍ୟ ଗ୍ରନ୍ଥାଗାରରେ କବିତା ଆସର

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ଓଡ଼ିଶା ଦିବସରୁ ରାଜ୍ୟ ଗ୍ରନ୍ଥାଗାରରେ ସପ୍ତାହ ବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଚାଲିଛି। ତୃତୀୟ ଦିନରେ ରବିବାର କବିତା ଆସର ଆୟୋଜିତ ହୋଇଥିଲା। ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ଓ ଅଧ୍ୟାପିକା ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି କମଳିନୀ ମଲ୍ଲିକ, ଭଜକୃଷ୍ଣ ମହାନ୍ତି, ଆଲୋକ ରଞ୍ଜନ ପରିଡ଼ା, ଚିତ୍ତରଞ୍ଜନ ପୃଷ୍ଟି, ସସ୍ମିତା ଚୌଧୁରୀ, ସୁଷମା ଲେଙ୍କା, ରଶ୍ମିମୟୀ ପତି, କୃପାଳିନୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ମାର୍ଚ୍ଚ ୩୧ରେ ପୁସ୍ତକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏପ୍ରିଲ ୧ରେ ପାଠିକାପାଠକଙ୍କ ମଧ୍ୟରେ ସାଧାରଣଜ୍ଞାନ ଓ ବକ୍ତୃତା କାର୍ଯ୍ୟକ୍ରମ ଏବଂ ୨ ତାରିଖରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସମ୍ବାଦପତ୍ର, ଲେଖକ ଓ ପାଠାଗାରର ଭୂମିକା ସମ୍ପର୍କରେ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଯନ୍ତ୍ରୀ ଇଂ. ଦୀପଙ୍କର ବେହେରା, ପ୍ରାଧାପକ ବ୍ରହ୍ମାନନ୍ଦ ଖୁଣ୍ଟିଆ ଯୋଗଦେଇଥିଲେ।

# ଅଶୋକ ମହାପାତ୍ରଙ୍କୁ 'ସିଟିଜେନ୍‌ସ ଲିଜେଣ୍ଡ ଆୱାର୍ଡ'

**ଭୁବନେଶ୍ୱର,୩।୪ (ବ୍ୟୁରୋ)**

ଗୁରୁ କେଲୁ ଚରଣ ପାର୍କ ସମ୍ମୁଖରେ ସିଟିଜେନସ୍ ଫୋରମ ଗ୍ରେଟର ଗାଡକଣ ପକ୍ଷରୁ ଅନୁଷ୍ଠାନର ୭ମ ବାର୍ଷିକ ଉତ୍ସବ ଓ ୮୭ତମ ଓଡ଼ିଶା ଦିବସ ରବିବାର ପାଳିତ ହୋଇଯାଇଛି। ଫୋରମ ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଡାକ୍ତର ପ୍ରଫେସର ଅଶୋକ କୁମାର ମହାପାତ୍ର, ମୁଖ୍ୟ ବକ୍ତା ଭାବେ ଡ. ଅର୍ଚ୍ଚନା ନାୟକ ଓ ସମ୍ମାନିତ ଅତିଥି ଭାବେ ଟେଲିଭିଜନ ପ୍ରଯୋଜକ ଶପଥ ମହାପାତ୍ର ଯୋଗଦେଇ ଉତ୍କଳର କଳା, ସଂସ୍କୃତି ଓ ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ୨୦୨୨ ବର୍ଷ ପାଇଁ ସିଟିଜେନ୍‌ସ ଲିଜେଣ୍ଡ ଆୱାର୍ଡ ଡ. ଅଶୋକ କୁମାର ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ମୁଖପତ୍ର 'ଅଗ୍ରଗାମୀ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ଜଗବନ୍ଧୁ ପାଣି ବାର୍ଷିକ ବିବରଣୀ ପାଠ, ଅନସୂୟା ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ଉପ-ସଭାପତି ପ୍ରଦୀପ କୁମାର ଜେନା ଧନ୍ୟବାଦ ଦେଇଥିଲେ। ମିଡିଆ ସେଲ ଆବାହକ ଅଧିବକ୍ତା ଦିଲୀପ ଦାଶଶର୍ମା, ଯତିନ୍ଦ୍ର ପ୍ରଧାନ, ବିବେକାନନ୍ଦ ସ୍ୱାଇଁ, ପର୍ଶୁରାମ ଶୁକ୍ଳ, ଜଗବନ୍ଧୁ ନାୟକ, ରମେଶ ଚନ୍ଦ୍ର ସାହୁ, ବିଦ୍ୟାଧର ପାଢୀ, ଶିଳା କେଶବ ପାତ୍ର ଓ ରଶ୍ମୀରଞ୍ଜନ ପରିଡା ପ୍ରମୁଖ ସହଯୋଗ କରିଥିଲେ।



କୋଣାର୍କ ଓଡ଼ିଶା ପରିବାର ପକ୍ଷରୁ ଭୁବନେଶ୍ୱର ଗୀତ ଗୋବିନ୍ଦ ସଦନରେ ରବିବାର ଅନୁଷ୍ଠିତ ୭ମ ବାର୍ଷିକ ସାହିତ୍ୟ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# 'ସମୃଦ୍ଧ ସାହିତ୍ୟ, ସୁରକ୍ଷିତ ସଂସ୍କୃତିରେ ବିକାଶଶୀଳ ଓଡ଼ିଶା ସମ୍ଭବ'

**ଭୁବନେଶ୍ୱର,୩।୪ (ବ୍ୟୁରୋ)**

କୋଣାର୍କ ଓଡ଼ିଶା ପରିବାରର ସପ୍ତମ ବାର୍ଷିକ ଉତ୍ସବ ରବିବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଲେଫଟାଣ୍ଟ ଜେନେରାଲ ନାରାୟଣ ମହାନ୍ତି କହିଥିଲେ ଯେ ଏକ ଜାତି ତା'ର ସାହିତ୍ୟ,କଳା, ସଂଗୀତ, ନୃତ୍ୟ ଓ ସ୍ଥାପତ୍ୟକୁ ନେଇ ସମୃଦ୍ଧ ହୁଏ। ଉତ୍କଳୀୟ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ସହ ଓଡ଼ିଶାର ସ୍ୱାଭିମାନ ଓ ଭାରତବର୍ଷର ସାର୍ବଭୌମତ୍ୱକୁ ନେଇ ସାହିତ୍ୟିକଗଣ ଅଧିକ ରୁ ଅଧିକ କଲମଚାଳନା ପାଇଁ ସେ ଉପସ୍ଥିତ କବି, ଗାଳ୍ପିକ, ସମାଲୋଚକ, ସମାଜସେବୀ ଓ ବୁଦ୍ଧିଜୀବୀଙ୍କୁ ଆହ୍ୱାନ ଦେଇଥିଲେ୍। ସମୃଦ୍ଧ ସାହିତ୍ୟ ଓ ସୁରକ୍ଷିତ ସଂସ୍କୃତିରେ ଏକ ବିକାଶଶୀଳ ଓଡ଼ିଶା ସମ୍ଭବ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଭାପତି କପିଳେଶ୍ୱର ଖମାରୀଙ୍କ ଅଧ୍ୟକ୍ଷତା ଓ ସଂପାଦକ ସବୁଜପ୍ରେମୀ ବିଚିତ୍ର ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ.ଅଜୟ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ,ଗୀତିକବି ଶରତ ଦାଶ,କବି ହୁସେନ ରବି ଗାନ୍ଧୀ ଯୋଗଦେଇ ଓଡ଼ିଶା ସାହିତ୍ୟ-ସଂସ୍କୃତିର ବିକାଶରେ କୋଣାର୍କ ଓଡ଼ିଶା ପରିବାରର ଯୋଗଦାନକୁ ପ୍ରଶଂସା କରିଥିଲେ।

ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶୁଚିସ୍ମିତା ପୃଷ୍ଟିଙ୍କୁ ଅରୁଣ ସ୍ମୃତି ସମ୍ମାନ, ଗୀତିକବିତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୀତିକାର ବଦ୍ରି ମିଶ୍ରଙ୍କୁ ନିରାକାର ସ୍ମୃତି ସମ୍ମାନ,ଇଂ.ଦୀପ୍ତି ରଂଜନ ପଣ୍ଡାଙ୍କୁ କୋଣାର୍କ ଓଡ଼ିଶା କବିତା ସମ୍ମାନ,ଗୁରୁଶ୍ରୀ ଭୀମସେନ ପାତ୍ରଙ୍କୁ କଳା ସମ୍ମାନ, ଗୋଲାପମଂଜରୀ କରଙ୍କୁ ସାହିତ୍ୟ ସମ୍ମାନ, ସତ୍ୟାନାଶଙ୍କୁ ବ୍ୟଙ୍ଗକବି ସମ୍ମାନ, ରାଇମୋହନ ପରିଡାଙ୍କୁ ଅଭିନେତା ସମ୍ମାନ ଓ ସେବା ପାଇଁ ପୁରୀର ସାହିଭାଇକୁ କୋଣାର୍କ ଓଡ଼ିଶା ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ମୁଖପତ୍ରକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

ବ୍ୟଙ୍ଗକବିତା ଆସରରେ ହାସ୍ୟକବି କୁଳାଙ୍ଗାର, ସତ୍ୟାନାଶ, ରମାକାନ୍ତ ମହାପାତ୍ର,ଗିରୀଶ ରଂଜନ ଓ ମନମାଷ୍ଟ୍ରେ ଯୋଗଦେଇଥିବା ବେଳେ,କବି ସେଖ ଅବଦୁଲ ଖାଲିକ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ଆସରକୁ ସୁନିତା ପଣ୍ଡା, ସୌଦାମିନୀ ବେହେରା, ସର୍ବାଣି ଦାସ, ଶିବାନନ୍ଦ ବାରିକ ସଂଯୋଜନା କରିଥିଲେ। ଅନୁଷ୍ଠାନର ଉଦଯାପନୀ ଉତ୍ସବରେ ଡକ୍ଟର ପ୍ରଦୀପ କୁମାର ରଥ ଅତିଥିଭାବେ ଯୋଗଦେଇଥିଲାବେଳେ ସମାଜସେବୀ ତଥା ସଂଗଠକ ମୁକୁନ୍ଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ କୋଣାର୍କ ଓଡ଼ିଶା ପରିବାର ଭୁବନେଶ୍ୱର ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ ବୋଲି ସଂପାଦକ ବିଚିତ୍ର ମହାପାତ୍ର ଜଣାଇଛନ୍ତି।

# ଘରେ ପଶି ଅଳଙ୍କାର ଚୋରି, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୩।୪(ବ୍ୟୁରୋ)**

ଘରେ ପଶି ସୁନା ଅଳଙ୍କାର ଚୋରି କରିଥିବା ଜଣେ ଅଭିଯୁକ୍ତଙ୍କୁ ଲିଙ୍ଗରାଜ ଥାନା ପୋଲିସ ଗିରଫ କରିଛି। ସେ ହେଲେ ନୟାଗଡର ରବୀନ୍ଦ୍ର ନାୟକ (୨୪)। ତାଙ୍କଠାରୁ ଗୋଟିଏ ସୁଟ୍‌କେସ ଓ କାଗଜପତ୍ର ଜବତ କରାଯାଇଥିବାବେଳେ ଚୋରି ସୁନା ଅଳଙ୍କାର ମିଳିପାରି ନାହିଁ। ଏନେଇ ଲିଙ୍ଗରାଜ ଥାନା ପୋଲିସ ମାମଲା ନଂ.୭୮/୨୨ରେ ରୁଜୁ କରି ରବୀନ୍ଦ୍ରଙ୍କୁ ରବିବାର କୋର୍ଟଚାଲାଣ କରିଛି । ଚୋରି ସଂକ୍ରାନ୍ତରେ ଏହି ଥାନା ଅନ୍ତର୍ଗତ ରାମେଶ୍ୱର ପାଟଣା ରୋଡ୍ ବାରିକ ସାହିରେ ରହୁଥିବା ଜଣେ ମହିଳା ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ, ସେ ଗତ ମାର୍ଚ୍ଚ ୨୬ରେ ସେ କୌଣସି କାମରେ ନିଜ ଗାଁ କେଉଁଝରକୁ ଯାଇଥିଲେ। ପରଦିନ ଫେରିବା ପରେ ଘରେ ଥିବା ସୁଟ୍‌କେସ ଓ ସେଥିରେ ଥିବା ୨ଟି ସୁନା ହାର, ଗୋଟିଏ ମଙ୍ଗଳସୂତ୍ର, ଗୋଟିଏ କାନଫୁଲ ଓ ସାର୍ଟିଫିକେଟ ଚୋରି ହୋଇଥିବା ଦେଖିଥିଲେ। ଉକ୍ତଦିନ ସେ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରିବା ସହ ଅଭିଯୁକ୍ତ ରବୀନ୍ଦ୍ରଙ୍କୁ ଭୁବନେଶ୍ୱରସ୍ଥିତ ମାଉସୀ ମା' ଫ୍ଲାଏଓଭର ତଳୁ କାବୁ କରିଥିଲା। ତାଙ୍କ ନାମରେ ୨୦୧୬ ରେ ଏୟାରଫିଲ୍ଡ ଥାନାରେ ୪ ଚୋରି ମାମଲା ରହିଥିବା ତଦନ୍ତବେଳେ ଜଣାପଡିଛି। ଏ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି। ତାଙ୍କ ନାମରେ ଆଉ କେଉଁ ଥାନାରେ ମାମଲା ରହିଛି ତାହା ମଧ ଯାଞ୍ଚ କରାଯାଉଥିବା ପୋଲିସ କହିଛି।

# ବିଜେଡିରେ ମିଶିଲେ ସ୍ୱାଧୀନ କର୍ପୋରେଟର ଚନ୍ଦ୍ରଶେଖର ମଲିଆ



**ଭୁବନେଶ୍ୱର,୩।୪ (ବ୍ୟୁରୋ)**

ଭୁବନେଶ୍ୱର ୬୦ ନମ୍ବର ୱାର୍ଡର କର୍ପୋରେଟର ଚନ୍ଦ୍ରଶେଖର ମଲିଆ ରବିବାରେ ବିଜେଡିରେ ମିଶିଛନ୍ତି। ଦଳରୁ ଟିକେଟ ନ ପାଇ ସେ ସ୍ୱାଧୀନ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ଗତ ୨/୪ ଦିନ ତଳେ ଦଳ ପକ୍ଷରୁ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ତାଙ୍କୁ ଦଳରେ ମିଶିବା ପାଇଁ ନିମନ୍ତ୍ରଣ କରିଥିଲେ। ନିଜ ସମର୍ଥକଙ୍କ ସହ ଆଲୋଚନା ପରେ ରବିବାର ସକାଳ ୯ଟାରେ ସେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସରକାରୀ ବାସଭବନକୁ ଯାଇ ଦଳର ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ଚନ୍ଦ୍ରଶେଖର ଭୁବନେଶ୍ୱର ବିଜେଡିର ଉପସଭାପତି ପଦରେ ଅଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ମୁଁ ପୂର୍ବରୁ ଦଳ ସହିତ ଥିଲି, ଏବେ ମଧ ଅଛି। ଏହି ମିଶ୍ରଣ କେବଳ ମାତ୍ର ଔପଚାରିକତା। କାର୍ଯ୍ୟକ୍ରମରେ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଏବଂ ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଏହି ୱାର୍ଡରୁ ଉଭୟ ଚନ୍ଦ୍ରଶେଖର ଓ ରାଜେନ୍ଦ୍ର ଦଳୀୟ ଟିକେଟ ଆଶାୟୀ ଥିଲେ। ଦଳ ରାଜେନ୍ଦ୍ରଙ୍କୁ ଟିକେଟ ପ୍ରଦାନ କରିଥିଲା। ତେଣୁ ଚନ୍ଦ୍ରଶେଖର ଅସନ୍ତୁଷ୍ଟ ହୋଇ ସ୍ୱାଧୀନ ଭାବେ ନିର୍ବାଚନ ଲଢି ବିଜୟୀ ହୋଇଛନ୍ତି। ଅପରପକ୍ଷେ ଏଥର ବିଏମ୍‌ସି ନିର୍ବାଚନରେ ମୋଟ୍ ୯ଜଣ କର୍ପୋରେଟର ସ୍ୱାଧୀନ ଭାବେ ନିର୍ବାଚନ ଲଢି ଜିତିଛନ୍ତି। ସେମାନଙ୍କ ମଧ୍ୟରେ ଏକାଧିକ ବିଜେଡି ଅସନ୍ତୁଷ୍ଟ ରହିଛନ୍ତି। ଚନ୍ଦ୍ରଶେଖରଙ୍କ ପରେ ଆଗକୁ ମଧ ଆହୁରି ସ୍ୱାଧୀନ ପ୍ରାର୍ଥୀ ଦଳରେ ସାମିଲ ହେବା ନେଇ ସୂଚନା ମିଳିଛି।

# ନନ୍ଦନକାନନ ଅସ୍ଥାୟୀ କର୍ମଚାରୀଙ୍କ ଧାରଣା

**ବାରଙ୍ଗ,୩।୪ (ଡି.ଏନ୍.ଏ.)**

ନନ୍ଦନକାନନକୁ ଶନିବାର ଅପରାହ୍ନରେ ବ୍ୟାଟେରି ଚାଳିତ ଗାଡିରେ ବୁଲିବା ପାଇଁ ୨୩ଜଣ ପର୍ଯ୍ୟଟକ ଟିକେଟ କରିଥିଲେ। କିନ୍ତୁ ନନ୍ଦନକାନନ ସାଢେ ୫ଟାରେ ବନ୍ଦ ହେଉଥିବାରୁ ଗାଡିରେ ବୁଲି ପାରି ନ ଥିଲେ। ଏନେଇ ପର୍ଯ୍ୟଟକ ଓ ବ୍ୟାଟେରି ଗାଡି କର୍ମଚାରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାକୁ ଜଣେ ଅସ୍ଥାୟୀ କର୍ମଚାରୀ ରେକର୍ଡିଂ କରୁଥିବାବେଳେ ଗାଡି କର୍ମଚାରୀମାନେ ତାଙ୍କୁ ମାଡ଼ ମାରିଥିଲେ। ଏହାକୁ ନେଇ ରବିବାର ସକାଳେ ୮୦ ଜଣ ଅସ୍ଥାୟୀ କର୍ମଚାରୀ ରେଞ୍ଜରଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ବ୍ୟାଟେରି ଚାଳିତ ଗାଡିର ଠିକାଦାର ଭୁଲ ମାଗିବାରୁ କର୍ମୀମାନେ ଧାରଣାରୁ ହଟିଥିଲେ।

# ବସ୍ତି ସମସ୍ୟା, ଟ୍ରାଫିକ, ଅପରାଧକୁ ନେଇ ଆଲୋଚନା

**ଭୁବନେଶ୍ୱର,୩।୪(ବ୍ୟୁରୋ)**

ବସ୍ତିକୁ ଅପରାଧମୁକ୍ତ କରିବା ସହ ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ଲକ୍ଷ୍ୟରେ କମିଶନରେଟ ପୋଲିସ 'ବସ୍ତିକୁ ଚାଲ ଅଭିଯାନ' ଆରମ୍ଭ କରିଥିଲା। ଏହି କ୍ରମରେ ରବିବାର ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ଥିବା ରିଜର୍ଭ ଅଫିସ୍‌ଠାରେ ଭୁବନେଶ୍ୱର ଡିସିପିଙ୍କ ତତ୍ତ୍ୱାବଧାନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବସ୍ତିରୁ ବସ୍ତି ମିତ୍ର ଓ ପୋଲିସ ମିତ୍ରମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ପିଲାଙ୍କ ପାଠପଢା, ବୟସ୍କ ଲୋକଙ୍କ ସୁବିଧା ଅସୁବିଧା ସହିତ ସେମାନଙ୍କୁ କିଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଯୋଗ କରାଯାଇ ପାରିବ, ଟ୍ରାଫିକ ନିୟମ, ସାଇବର ଅପରାଧ, ସୋସିଆଲ ମିଡିଆର ଅପବ୍ୟବହାର, ବସ୍ତିରେ ସଫେଇ ଅଭିଯାନର ଆୟୋଜନ ଆଦି ଉପରେ ଆଲୋଚନା ହୋଇଥିଲା।

# ନବନିର୍ବାଚିତ ଜନପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ଉତ୍ସବରେ ବିଧାୟକ ସୁଶାନ୍ତ ରାଉତ ଓ ଅନ୍ୟମାନେ।

**ଭୁବନେଶ୍ୱର(ବ୍ୟୁରୋ)/ବାରଙ୍ଗ, ୩।୪ (ଡି.ଏନ.ଏ.)**

ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଞ୍ଚଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷ ଓ ଖୋର୍ଦ୍ଧା ଜିଲା ୩୦ ନମ୍ବର ଜୋନ୍‌ର ଜିଲା ପରିଷଦ ସଦସ୍ୟଙ୍କୁ ନେଇ ଗଣ୍ଡରପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ଏକ ସମାବେଶ ରବିବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରଘୁନାଥପୁର, କଲ୍ୟାଣପୁର, ବରିମୁଣ୍ଡ, ଦାଡ଼ା, ବରିମୁଣ୍ଡ ଏବଂ ଇଞ୍ଜଣା ପଞ୍ଚାୟତର ନବ ନିର୍ବଚିତ ଜନପ୍ରତିନିଧିଙ୍କୁ ବିଧାୟକ ସୁଶାନ୍ତ ରାଉତ ସମ୍ବର୍ଦ୍ଧିତ କରିଥିଲେ। ନିର୍ବାଚନରେ ଜିଲା ପରିଷଦ ପ୍ରାର୍ଥିନୀ ବବିତା ରାଉତଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରାଇଥିବାରୁ ୫ ପଞ୍ଚାୟତର ବୁଦ୍ଧିଜୀବୀ, ଗୁରୁଜନ, ଯୁବକ ଓ ମା ଭଉଣୀଙ୍କୁ ବିଧାୟକ ଧନ୍ୟବାଦ ଜ୍ଞାପନ କରିଥିଲେ। ଆଗାମୀ ଦିନରେ ଦଳମତ ନିର୍ବିଶେଷରେ ପଞ୍ଚାୟତଗୁଡ଼ିକର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ସହିତ ସାରା ଓଡିଶାରେ ଉଦାହରଣ ସୃଷ୍ଟି କରିବା ପାଇଁ ସମସ୍ତ ନବ ନିର୍ବାଚିତ ଜନପ୍ରତିନିଧିଙ୍କ ସେ ଆହ୍ୱାନ ଦେଇଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଅନ୍ୟତମ ଅତିଥି ଭାବେ ଅନ୍ତର୍ଯ୍ୟାମୀ କୁଅଁର, ସୁବାସ ଚନ୍ଦ୍ର ପାତ୍ର, କୁନାଲ ରାଉତ, ଭଗବାନ ଜେନା, ବସନ୍ତ ରଥ, ରାଜେନ୍ଦ୍ର ସ୍ୱାଇଁ, ସସ୍ମିତା ବରାଳ ପ୍ରମୁଖ ଯୋଗଦେଇଥିଲେ।

# ଭୁବନେଶ୍ୱରରେ ୨୫୦ରୁ ଊର୍ଦ୍ଧ୍ୱ ଅଞ୍ଚଳରେ ନାହିଁ ଷ୍ଟ୍ରିଟ୍ ଲାଇଟ୍

**ଭୁବନେଶ୍ୱର, ୩।୪ (ବ୍ୟୁରୋ)**

- ସର୍ବେକ୍ଷଣ ପରେ ସ୍ଥାନ ଚିହ୍ନଟ କରିଛି ବିଏମ୍‌ସି
- ୪୬ ସ୍ଥାନରେ ଲାଗିବ ହାଇମାଷ୍ଟ୍ ଲାଇଟ୍

ସ୍ମାର୍ଟସିଟି ଭୁବନେଶ୍ୱର୍‌ର ଏକାଧିକ ଅଞ୍ଚଳ ଏବେ ବି ଅନ୍ଧକାରରେ ରହିଛି। ଯେଉଁଠି ରାତି ହେଲେ ଯାତାୟାତ କରିବା ମୁସ୍କିଲ ହୋଇପଡୁଛି। ଏନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଗତ ଡିସେମ୍ବରରୁ ସର୍ବେକ୍ଷଣ କରାଯାଇ ସହରର ୨୫୦ରୁ ଅଧିକ ଅନ୍ଧକାର ଅଞ୍ଚଳକୁ ଚିହ୍ନଟ କରାଯାଇଛି, ଯେଉଁଠାରେ ଏପର୍ଯ୍ୟନ୍ତ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇ ନାହିଁ। ତେବେ ସର୍ବେକ୍ଷଣ ଆଧାରରେ ଆବଶ୍ୟକ ଆଲୋକର ଆକାର ଏବଂ ଗୁଣବତ୍ତା ସ୍ଥିର କରାଯାଇଛି। ଲାଇଟ୍ ନ ଥିବା ସ୍ଥାନରେ ଆଲୋକ ଏବଂ ବଡ଼ ବଡ଼ ଛକଠାରେ ହାଇ-ମାଷ୍ଟ ଲାଇଟ ସ୍ଥାପନ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଚିହ୍ନଟ ହୋଇଥିବା ସ୍ଥାନଗୁଡିକ ସହରର କୌଣସି ଉପାନ୍ତ ଅଞ୍ଚଳ ନୁହେଁ, ବରଂ ସହରର ପ୍ରମୁଖ ସ୍ଥାନ ମଧ୍ୟରୁ କେତେକ। ରେଡକ୍ରସ ଛକ, ସାଇନ୍ସ ପାର୍କ ଛକ, ଭରତପୁର ଜିଏ କଲୋନୀ, ଲିଙ୍ଗରାଜ ରେଳ ଷ୍ଟେସନ ଛକ, ନୟାପଲ୍ଲୀ ଥାନା ଛକ, ପଳାଶପଲ୍ଲୀ ଛକ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆଲୋକୀକରଣ ବ୍ୟବସ୍ଥା କରାଯାଇ ନାହିଁ। ସନ୍ଧ୍ୟା ପରେ ଏହି ଅଞ୍ଚଳଗୁଡିକରେ ଯାତାୟାତ କରିବାରେ ସମସ୍ୟା ହେଉଛି। ଏପରିକି ଅନ୍ଧାରର ସୁଯୋଗ ନେଇ ଛୋଟ ବଡ଼ ଅପରାଧ ମଧ ଘଟୁଛି।

ଏ ସମ୍ପର୍କରେ ବିଏମ୍‌ସିର ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର୍ ସୁକାନ୍ତ କୁମାର ସାବତ କହିଛନ୍ତି, କେତେକ ଅଞ୍ଚଳରେ ଆଲୋକୀକରଣ ଠିକ ଭାବେ କରାଯାଇ ନ ଥିବା ଅଭିଯୋଗ ହେବା ପରେ ବିଏମ୍‌ସି ପକ୍ଷରୁ ଏହି ସର୍ବେକ୍ଷଣ କରାଯାଇଥିଲା। ଲାଇଟ୍ ଲଗାଇବା ପାଇଁ ଟେଣ୍ଡର ପ୍ରକ୍ରିୟା ମଧ ସମାପ୍ତ ହୋଇଛି। ତେବେ ବିଏମସି ନିର୍ବାଚନ ପାଇଁ କୋଡ୍ ଅଫ୍ କଣ୍ଡକ୍ଟ ଲାଗୁ ହୋଇଥିବା କାରଣରୁ କାର୍ଯ୍ୟ ଆରମ୍ଭରେ ସାମାନ୍ୟ ବିଳମ୍ବ ହୋଇଛି। ଏବେ ନିର୍ବାଚନ ସରି ଥିବାରୁ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବ। ଆବଶ୍ୟକତା ଉପରେ ଆଧାର କରି ସମ୍ପୃକ୍ତ ସ୍ଥାନଗୁଡ଼ିକରେ ଏଲ୍‌ଇଡି କିମ୍ବା ହାଇ-ମାଷ୍ଟ ଲାଇଟ ଲଗାଯିବ। ତେବେ ୪୬ଟି ହାଇ-ମାଷ୍ଟ ସହିତ ମୋଟ ୨୫୦ଟି ଲାଇଟ ଲଗାଯିବ। ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରରେ ପ୍ରାୟ ୮୦ହଜାର ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ସେଥି ମଧ୍ୟରୁ ୨୦୨୧-୨୨ ଆର୍ଥିକ ବର୍ଷରେ ବିଏମ୍‌ସି ପକ୍ଷରୁ ସହରର ବିଭିନ୍ନ ଅଞ୍ଚଳରେ ୯ହଜାର ଷ୍ଟ୍ରିଟ୍ ଲାଇଟ ସ୍ଥାପନ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

## ଖବରଦାତା ସଂଘ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ସାଲେପୁର,(ଡି.ଏନ୍.ଏ.): ସାଲେପୁର ହାଇସ୍କୁଲ ଖେଳପଡ଼ିଆରେ ୩ଦିନ ବ୍ୟାପୀ ଚାଲିଥିବା ସାଲେପୁର ଆଞ୍ଚଳିକ ଖବରଦାତା ସଂଘର ବାର୍ଷିକ ଉତ୍ସବ ଏବଂ ଓଡ଼ିଶା ଦିବସ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅକ୍ଷୟ ଦାଶ ସଭାପତିତ୍ୱରେ କରିଥିଲେ। ମୁଖ୍ୟଅତିଥି ଭାବେ ଆଇନ ମନ୍ତ୍ରୀ ପ୍ରତାପ ଜେନା, ଅନ୍ୟତମ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ପ୍ରଶାନ୍ତ ବେହେରା ଓ କଳାକାର ପ୍ରଜ୍ଞା ଖଟୁଆ ଯୋଗଦେଇଥିଲେ। ଏହି ଅବସରରେ ସାଲେପୁର ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ବିଶ୍ୱାଳ ଓ ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ହୃଷୀକେଶ ମଲ୍ଲିକ, ସୁଧୀର ଶତପଥୀ, ଅନନ୍ତ ଦାଶ ଓ ପ୍ରଦୀପ୍ତ କର ପ୍ରମୁଖ ପରିଚାଳନା କରିଥିଲେ।



### ସଂକ୍ଷେପରେ

## ପଦ୍ମିନୀ କେୟାରରେ ଯୋଗଦେଲେ ଡା. ଚିତ୍ତରଞ୍ଜନ ଦାସ

**କଟକ ଅଫିସ, ୩।୪:** ଅସ୍ଥିଶଲ୍ୟ ବିଶେଷଜ୍ଞ ପ୍ରଫେସର ଡା. ଚିତ୍ତରଞ୍ଜନ ଦାସ ଡ୍ରିମ୍ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ ସାଇନ୍ସ ଆଣ୍ଡ୍ ହସ୍ପିଟାଲ ଦ୍ୱାରା ପରିଚାଳିତ 'ପଦ୍ମିନୀ କେୟାର'ର ଅସ୍ଥିଶଲ୍ୟ ବିଭାଗର ମୁଖ୍ୟ ଭାବେ ଶନିବାର ଯୋଗଦେଇଛନ୍ତି। ଡା. ଦାସଙ୍କର ଆଡ୍‌ଭାନ୍ସ ଅର୍ଥୋପେଡିକ୍ସ ଓ ଫ୍ରାକ୍ଚର ସର୍ଜରିକରେ ବିଶେଷ ଦକ୍ଷତା ରହିଛି। ସେ ଭେଲୋରସ୍ଥିତ ଖ୍ରୀଷ୍ଟିଆନ୍ ମେଡିକାଲ କଲେଜ, ଅଷ୍ଟ୍ରେଲିଆ, ଜର୍ମାନୀ, ଯୁକ୍ତରାଷ୍ଟ୍ର ଆମେରିକା ଆଦି ଦେଶର ପ୍ରତିଷ୍ଠିତ ହସ୍ପିଟାଲରେ ଅସ୍ଥିଶଲ୍ୟ ଚିକିତ୍ସା ପଦ୍ଧତି ସଂକ୍ରାନ୍ତରେ ପ୍ରଶିକ୍ଷଣ ଓ ଗବେଷଣା କରିଛନ୍ତି। ଡା. ଦାସଙ୍କ ଯୋଗଦାନ ଫଳରେ ଗ୍ରାମାଞ୍ଚଳର ଗରିବ ଜନସାଧାରଣ ଉନ୍ନତ ଚିକିତ୍ସାର ସୁଯୋଗ ପାଇବେ ବୋଲି ପଦ୍ମିନୀ କେୟାରର ପରିଚାଳନା ନିର୍ଦ୍ଦେଶକ ଦୁର୍ଗାପ୍ରସାଦ ରଥ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତି ପ୍ରକାଶ ପରିଜା ଆଶାବ୍ୟକ୍ତ କରିଛନ୍ତି।



## ଧାକୁଲେଇ ମହୋତ୍ସବ ପ୍ରସ୍ତୁତି ବୈଠକ

**ଫୁଲନଖରା,୩।୪(ଡି.ଏନ୍.ଏ.):** କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀସ୍ଥିତ ମା' ଧାକୁଲେଇଙ୍କ ପୀଠରେ ଆସନ୍ତା ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ରବିବାର ଉକ୍ତ ପୀଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଯାତ୍ରାରେ ବହୁ ସଂଖ୍ୟକ ଲୋକଙ୍କ ସମାଗମ ହେବା ଆଶଙ୍କା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ ପକ୍ଷରୁ ଅସ୍ଥାୟୀ କ୍ୟାମ୍ପ ସହ ସିସିଟିଭି କ୍ୟାମେରା ଲଗାଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଗାଡ଼ି ରଖିବା ପାଇଁ ଷ୍ଟାଣ୍ଡ କରାଯିବା ସହ ୧୦୦ରୁ ଊର୍ଦ୍ଧ୍ୱ ଭଲ୍ୟୁଣ୍ଟିଅରଙ୍କୁ ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ନିୟୋଜିତ କରାଯିବ। କମିଟି ସମ୍ପାଦକ ପ୍ରମୋଦ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଭାପତି ପ୍ରମୋଦ କୁମାର ସ୍ୱାଇଁ, ସହ ସମ୍ପାଦକ ବାଦଲ କୁମାର ଜେନା, ସହ କୋଷାଧ୍ୟକ୍ଷ ବାଦଲ ସ୍ୱାଇଁ, ମହନ୍ତ ବନମାଳୀ ଦାସ, କଟକ ସଦର ଥାନାଧିକାରୀ ସୁଧାଂଶୁ ଭୂଷଣ ଜେନା, ୫୮ନଂ. ୱାର୍ଡ କର୍ପୋରେଟର ଜନାର୍ଦ୍ଦନ ପରିଡା, ପୂର୍ବତନ କର୍ପୋରେଟର କୌଶିକ୍ ଜେନା ପ୍ରମୁଖ ଯୋଗଦେଇଥିଲେ।

## ଦଧିବାମନଜୀଉ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

**ଫୁଲନଖରା,୩।୪(ଡି.ଏନ୍.ଏ.):** କଟକ ସଦର ଥାନା ଅନ୍ତର୍ଗତ ଉରାଳି ଗ୍ରାମରେ ଦଧିବାମନଜୀଉଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ ରବିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୧୫୦୦ରୁ ଊର୍ଦ୍ଧ୍ୱ ମହିଳା କାଠଯୋଡି ନଦୀର କାଜିପାଟଣା ମୁକାମେଶ୍ୱର ଘାଟରୁ କଳସ ଶୋଭାଯାତ୍ରାରେ ବାହାରି ଦଧିବାମନଜୀଉ ନୂତନ ମନ୍ଦିରରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରା ସମୟରେ ନାମ ସଂକୀର୍ତ୍ତନ, ଗୋଟିପୁଅ ନୃତ୍ୟ, ବାଦ୍ୟ, ଆତସବାଜି, ହରିବୋଲ, ହୁଳହୁଳିରେ ପରିବେଶ ପ୍ରକମ୍ପିତ ହୋଇଥିଲା। ଏହି ଅବସରରେ ମନ୍ଦିରରେ ଯଜ୍ଞ, ନାମ ସଂକୀର୍ତ୍ତନ, ବେଦପାଠ ଓ ପ୍ରବଚନ ହୋଇଥିଲା। ଏହି କାର୍ଯ୍ୟକ୍ରମ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଚାଲିବ। ଦଧିବାମନଜୀଉ ଟ୍ରଷ୍ଟବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ଚକ୍ରଧର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗ୍ରାମବାସୀ ସହାୟତା କରିଥିଲେ।

# କମେଣ୍ଟମରାକୁ ନେଇ ଗୋଷ୍ଠୀ ସଂଘର୍ଷ

**■୫ ଆହତ, ୪ ଅଟକ**

**■ଗ୍ରାମରେ ଉତ୍ତେଜନା, ଫୋର୍ସ ମୁତୟନ**

ଖୁଣ୍ଟୁଣୀ,୩।୪(ଡି.ଏନ.ଏ.)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଅନନ୍ତପୁର ଗ୍ରାମର ଜଣେ ଯୁବତୀଙ୍କୁ କମେଣ୍ଟ ମାରିବାକୁ କେନ୍ଦ୍ରକରି ଶନିବାର ରାତିରେ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷରୁ ୪ଜଣ ଆହତ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ଏହି ଘଟଣାକୁ କେନ୍ଦ୍ରକରି ଉତ୍ତେଜନା ଲାଗି ରହିଥିବାରୁ ଗ୍ରାମରେ ୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଉକ୍ତ ଘଟଣାରେ ଉଭୟ ପକ୍ଷର ୪ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ, ଅନନ୍ତପୁର ଗ୍ରାମର ସମ୍ପୃକ୍ତା ଯୁବତୀ ତାଙ୍କ ସାଥୀଙ୍କ ସହ ନିକଟସ୍ଥ ବ୍ରହ୍ମପୁର ଗ୍ରାମକୁ ବାରୁଣୀ ଯାତ୍ରା ଦେଖିବାକୁ ଯାଇଥିଲେ। ସେଠାରେ ଅନନ୍ତପୁର ଗ୍ରାମର ଜଣେ ଯୁବକ ସମ୍ପୃକ୍ତା ଯୁବତୀଙ୍କୁ କମେଣ୍ଟ ମାରିବା ସହ ଦୁର୍ବ୍ୟବହାର କରିଥିଲେ। ଯୁବତୀ ଜଣଙ୍କ ଘରକୁ ଫେରି ଘଟଣା ସମ୍ପର୍କରେ ତାଙ୍କ ବାପାଙ୍କୁ ଜଣାଇଥିଲେ। ଯୁବତୀଙ୍କ ବାପା ଗ୍ରାମର ମୁରବିମାନଙ୍କ ସହିତ ଶନିବାର ବିଳମ୍ବିତ ରାତିରେ ସମ୍ପୃକ୍ତ ଯୁବକଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ଏହାକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ ସହ ସଂଘର୍ଷ ଘଟିଥିଲା। ଅନ୍ଧାର ରାତିରେ ଢେଲା ମାଡ଼ରେ ଉଭୟ ପକ୍ଷରୁ ୫ଜଣ ଆହତ ହୋଇଥିଲେ। ଖୁଣ୍ଟୁଣୀ ଥାନା ଆଇଆଇସି ଖୁଣ୍ଟିଆ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଆହତମାନଙ୍କୁ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେମାନଙ୍କ ମଧ୍ୟରୁ ଅରୁଣ ସେଠୀ ନାମକ ବ୍ୟକ୍ତିଙ୍କ ଅବସ୍ଥା ଗୁରୁତର ହେବାରୁ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖାଯିବା ବେଳକୁ ଥାନାରେ ମାମଲା ରୁଜୁ ହୋଇନାହିଁ। ଅନନ୍ତପୁର ସରପଞ୍ଚ, ଜିଲା ପରିଷଦ ସଭ୍ୟ, ଗ୍ରାମ ମୁରବି ଓ ଉଭୟ ଗୋଷ୍ଠୀର ସଦସ୍ୟ ବସି ସମାଧାନ ପାଇଁ ଆଲୋଚନା କରୁଥିବା ଆଇଆଇସି ଖୁଣ୍ଟିଆ କହିଛନ୍ତି।



ଆଇନଜୀବୀ ତଥା ପୂର୍ବତନ ଏମ୍‌ପି ବ୍ରହ୍ମାନନ୍ଦ ପଣ୍ଡାଙ୍କ ୭୩ତମ ଜୟନ୍ତୀ ପାଳନ ଅବସରରେ ରବିବାର କଟକ କ୍ରିମିନାଲ କୋର୍ଟସ ବାର୍ ଆସୋସିଏଶନ ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

## ଗାଡ଼ି ଶୋ' ରୁମ୍‌ରେ ଅଗ୍ନିକାଣ୍ଡ: ଜଳିଗଲା କମ୍ପ୍ୟୁଟର, ଏସି

ଫୁଲନଖରା,୩।୪(ଡି.ଏନ୍.ଏ.)

କଟକ ସଦର ଥାନା ଅନ୍ତର୍ଗତ ନୂଆଗଡ଼ରେ ଥିବା ଟୟୋଟା ଗାଡ଼ି ଶୋ'ରୁମ୍‌ରେ ରବିବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଶୋ'ରୁମ୍‌ର ୩୦ଟି କମ୍ପ୍ୟୁଟର, ୬ ଏସି ସମେତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପୋଡି ଯାଇଛି। ଖବରପାଇ ବାରଙ୍ଗ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ଅଧିକାରୀ ରାଜକିଶୋର ଜେନା କହିଛନ୍ତି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ: ହତ୍ୟା ଅଭିଯୋଗ

ସାଲେପୁର,୩।୪(ଡି.ଏନ୍.ଏ.)

ସାଲେପୁର ଥାନା ଅଧୀନ ନଇଗୁଆଁ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ବିଜୟ ମହାରଣାଙ୍କ ସ୍ତ୍ରୀ ରୀନା ( ୩୩)। ତାଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ଭାଇ ଲୁଣାହାର ଗ୍ରାମର ପରେଶ କୁମାର ଓଝା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ୭ ବର୍ଷ ପୂର୍ବେ ରୀନାଙ୍କ ସହ ବିଜୟଙ୍କ ବିବାହ ହୋଇଥିଲା। ଏହି ସମୟରେ ଯୌତୁକ ବାବଦରେ ୫୦ ହଜାର ଟଙ୍କା ସହ ସୁନା ଅଳଙ୍କାର ଦିଆଯାଇଥିଲା। ବିବାହ ପରେ ଆଉ ୫୦ ହଜାର ଟଙ୍କା ଦିଆଯିବ ବୋଲି ରୀନାଙ୍କ ପରିବାର ପକ୍ଷରୁ କୁହାଯାଇଥିଲା। ମାତ୍ର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ବାପଘର ଲୋକେ ଏହି ଟଙ୍କା ଦେଇପାରି ନ ଥିଲେ। ଏନେଇ ରୀନାଙ୍କୁ ଶାଶୁଘର ଲୋକେ ବହୁ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ପ୍ରାୟ ୭ ଦିନ ତଳେ ରିନା ତାଙ୍କ ବାପ ଘରକୁ ଶାଶୁଙ୍କ ସହ ମିଶି ଆସିଥିଲେ। ସେ ସମୟରେ ରୀନା ବାପାଙ୍କୁ ବାକି ଥିବା ଯୌତୁକ ଟଙ୍କା ନ ଦେଲେ ଶାଶୁଘର ଲୋକେ ମାରିଦେବେ ବୋଲି କହିଥିଲେ। ଶନିବାର ରାତିରେ ରୀନା ଅସୁସ୍ଥ ଥିବାରୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ବୋଲି ଶାଶୁଘର ଲୋକେ ଫୋନ କରି ଜଣାଇଥିଲେ। ଖବରପାଇ ବାପଘର ଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପୂର୍ବରୁ ରୀନାଙ୍କ ମୃତ୍ୟୁ ହୋଇ ସାରିଥିଲା। ରୀନାଙ୍କୁ ମାଡ଼ମାରି ତଣ୍ଟି ଚିପି ହତ୍ୟା କରାଯାଇଛି ବୋଲି ପରେଶ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୧୦୮/୨୨) ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଛି ବୋଲି ପୋଲିସ କହିଛି।

## ସାରସ୍ୱତ ସାଧକ ଚିତ୍ତରଞ୍ଜନ ଦାସଙ୍କ ତୈଳଚିତ୍ର ଉନ୍ମୋଚିତ



ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

କଟକ ଅଫିସ, ୩।୪

କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ଚିତ୍ତରଞ୍ଜନ ଦାସଙ୍କ ତୈଳଚିତ୍ର ରବିବାର ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ସାହିତ୍ୟ ସମାଲୋଚକ ପ୍ରଫେସର ବୈଷ୍ଣବ ଚରଣ ସାମଲ ଏହାକୁ ଉନ୍ମୋଚନ କରି କହିଥିଲେ, ଚିତ୍ତରଞ୍ଜନ ଥିଲେ ଅନନ୍ୟ ଚିନ୍ତାଶୀଳ ସାରସ୍ୱତ ପୁରୁଷ। ତାଙ୍କର ସୃଷ୍ଟି ବିପୁଳ, ବିବିଧ ଓ ବୈଚିତ୍ର୍ୟ ମଣ୍ଡିତ ବୋଲି ସାମଲ କହିଥିଲେ। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ପ୍ରଫେସର ବିଜୟ କୁମାର ଶତପଥୀ ଯୋଗଦେଇ କହିଥିଲେ, ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଅନ୍ୟତମ ମହାନାୟକ ଥିଲେ ଚିତ୍ତରଞ୍ଜନ। ଅନୁଷ୍ଠାନର ଉପସଭାପତି ତଥା ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ, ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ଓ ରବୀନ୍ଦ୍ର ନାଥ ପାଢ଼ୀ ସଙ୍ଗୀତ ଗାନ କରିଥିଲେ। ଅନୁଷ୍ଠାନର ପାଠାଗାର ସମ୍ପାଦକ ସରୋଜିନୀ ମିଶ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଓ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ମିଟ୍ ଦ ଆର୍ଟିଷ୍ଟ କାର୍ଯ୍ୟକ୍ରମରେ ୪୫ ଚିତ୍ର ପ୍ରଦର୍ଶିତ

କଟକ ଅଫିସ,୩।୪

ସିଡିଏ ସତୀନଗରସ୍ଥିତ ରବି ରଥ ସେଣ୍ଟର ଅଫ୍ ଆର୍ଟ ପ୍ରାଙ୍ଗଣରେ ମିଟ୍ ଦ ଆର୍ଟିଷ୍ଟ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ସ୍ତରୀୟ ଚିତ୍ରଶିଳ୍ପୀ ମଣିପୁରର ପି. ଅମୁସାନା ସିଂହ, ଅରୁଣାଚଳପ୍ରଦେଶର ଗୋୟାଲ ବାଙ୍ଗୟଙ୍ଗ ଓ ଆସାମର ଲିଓନାର୍ଡୋ ବେ ଯୋଗଦେଇ ନିଜ ଶିଳ୍ପୀ ଜୀବନର ବିଶେଷ ଅନୁଭୂତି ପ୍ରକାଶ କରିଥିଲେ। ବିହାରର ଛିତ୍ରଶିଳ୍ପୀ ଡ. ପ୍ରକାଶ କିଶୋର ତାଙ୍କ କଳାକୃତିର ଏକ ଭିଡ଼ିଓ ପ୍ରଦର୍ଶନ କରିଥିଲେ। ଲକ୍ ଡାଉନ ସମୟରେ ୪୫ଟି ଐତିହାସିକ ସୂର୍ଯ୍ୟାସ୍ତର ଜଳରଙ୍ଗ ଚିତ୍ର, ଜୀବନର ଆଶା, ପ୍ରପୋଜାଲ, ଆତ୍ମାର ଛାୟା ଭଳି ହୃଦୟସ୍ପର୍ଶୀ ଚିତ୍ରକୁ ଦେଖି ଉପସ୍ଥିତ ଶିଳ୍ପୀ,ସାହିତ୍ୟିକ, କବି, ନୃତ୍ୟଶିଳ୍ପୀ ମୁଗ୍ଧ ହୋଇଥିଲେ। ଏହି ଅବସରରେ ସ୍ଥାନୀୟ ଶିଳ୍ପୀମାନଙ୍କ ସହିତ ଭାବର ଆଦାନ ପ୍ରଦାନ ହୋଇଥିଲା। ବିଶିଷ୍ଟ ଶିଳ୍ପୀ ବଳଦେବ ମହାରଥା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିଥି ଶିଳ୍ପୀମାନଙ୍କୁ ସମ୍ମାନିତ କରିଥିଲେ। ଆଇନଜୀବୀ ପ୍ରଶାନ୍ତ ନାୟକ, ରମାନାଥ ପାଲୋ, ନୃତ୍ୟଗୁରୁ ଆଶିଷ ଦାସ, କବି ମନୋଜ ପଟ୍ଟନାୟକ, ନାଟ୍ୟକାର କିଶୋର ମହାନ୍ତି, ତପନ ସ୍ୱାଇଁ, ହେମନ୍ତ ସାହୁ, ଶିଳ୍ପୀ ଶଶିକାନ୍ତ ରାଉତ, ଜନାର୍ଦ୍ଦନ ପରମଗୁରୁ, ପ୍ରବୋଧ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ରବି ରଥ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟନିର୍ବାହୀ ପ୍ରଫୁଲ୍ଲ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା ଓ ଶିଳ୍ପୀ ପ୍ରଦୋଷ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ୧୫ ମୋବାଇଲ ଜବତ, ୩ ଗିରଫ

କଟକ ଅଫିସ,୩।୪

କ୍ୟାଣ୍ଟନମେଣ୍ଟ ପୋଲିସ ଏକ ଲୁଟେରା ଗ୍ୟାଙ୍ଗକୁ ଠାବ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଚାଉଳିଆଗଞ୍ଜ ଥାନା ଅଧୀନ ରାମଗଡି ଅଞ୍ଚଳର ମୁନା ଓଝା, ବିଦ୍ୟାଧରପୁର ଅଞ୍ଚଳର ଆଶିଷ କୁମାର ରାଉତ ଓ ଅଜୁ ଓରଫ ଧନଞ୍ଜୟ ପଣ୍ଡା। ସେମାନଙ୍କଠାରୁ ମୋଟ ୧୫ଟି ମୋବାଇଲ ଓ ଅନ୍ୟାନ୍ୟ ଲୁଟ୍ ସାମଗ୍ରୀ ଜବତ ହୋଇଛି। ମୁନାଙ୍କ ନାଁରେ ଚାଉଳିଆଗଞ୍ଜ ଥାନାରେ ୭ ଓ ଜଗତ୍‌ପୁର ଥାନାରେ ଗୋଟିଏ ମାମଲା ରହିଛି। ପୋଲିସ ସୂତ୍ରରୁ ପ୍ରକାଶ, ଲାଲବାଗ ଥାନା ଅନ୍ତର୍ଗତ ଅଲିଶାବଜାର ଅଞ୍ଚଳର ସ୍ୱୟଂଶ୍ରୀ ମିଶ୍ର ଗତ ମାର୍ଚ୍ଚ ୧୨ରେ ଚିକିତ୍ସା ଲାଗି ରାଣୀହାଟ ଅଞ୍ଚଳକୁ ଆସିଥିଲେ। ସେଠାରେ ଡାକ୍ତର ଦେଖାଇବା ପରେ କ୍ୟାଣ୍ଟନମେଣ୍ଟ ରୋଡ୍ ଦେଇ ଘରକୁ ଫେରୁଥିଲେ। ରାତି ପ୍ରାୟ ୯ଟାରେ ବେତାର କେନ୍ଦ୍ର ପାଖରେ ହଠାତ ଦୁଇ ଜଣ ଦୁର୍ବୃତ୍ତ ଏକ ପଲ୍‌ସର ବାଇକରେ ଆସି ତାଙ୍କର ଭ୍ୟାନିଟି ବ୍ୟାଗ ଛଡାଇ ନେଇ ଚମ୍ପଟ ମାରିଥିଲେ। ଏ ନେଇ ସେ କ୍ୟାଣ୍ଟେନମେଣ୍ଟ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଭ୍ୟାନିଟିରେ ଦାମୀ ଆଇ ଫୋନ୍-୧୨, କ୍ରେଡିଟ୍ କାର୍ଡ, ଆଧାର କାର୍ଡ, ଟଙ୍କା ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିଲା ବୋଲି ସେ ଏତଲାରେ ଦର୍ଶାଇଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୩୨/୨୨) ରୁଜୁ କରିବା ସହ ମୁନାଙ୍କୁ ଗିରଫ କରିଥିଲା। ତାଙ୍କୁ ପଚରାଉଚରା କରିବାରୁ ଚୋରି କରିଥିବା ସ୍ୱୀକାର କରିବା ସହ ଅନ୍ୟ ସହଯୋଗୀ ଆଶିଷଙ୍କ ସମ୍ପୃକ୍ତି ଥିବା କହିଥିଲା। ପରେ ଆଶିଷଙ୍କୁ ଗିରଫ କରାଯାଇଥିଲା। ଉଭୟ ଲୁଟ୍ କରିଥିବା ମୋବାଇଲକୁ ଅଜୁଙ୍କୁ ବିକ୍ରି କରିଥିବା କହିଥିଲେ। ଅଜୁଙ୍କର ଏକ ମୋବାଇଲ ବିକ୍ରି ଓ ମରାମତି ଦୋକାନ ରହିଛି। ପୋଲିସ ସେଠାରେ ଚଢ଼ଉ କରି ଆଇଫୋନ ସହ ଅନ୍ୟ ୬ଟି ଚୋରା ମୋବାଇଲ ଜବତ କରିଥିଲା।

## ଈଶ୍ୱର ସବୁଠି ବିଦ୍ୟମାନ

**ମହିମଣ୍ଡଳ ଗୀତାର ହିନ୍ଦୀ ଅନୁବାଦ ପୁସ୍ତକ ଉନ୍ମୋଚିତ**

ମାହାଙ୍ଗା,୩।୪(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଲଳିତଗିରିସ୍ଥିତ ଓଳାଶୁଣୀ ଗୁମ୍ଫା ପ୍ରଚାର ପ୍ରସାର କମିଟି ଓ ଶିବାନୀ ପରିବାର ଜୟପୁର, ତିର୍ତ୍ତୋଲର ମିଳିତ ଆନୁକୂଲ୍ୟରେ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। କମିଟିର ସମ୍ପାଦକ ନବ କିଶୋର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା ଯୋଗଦେଇ ସବୁଠି ଈଶ୍ୱରଙ୍କ ସତ୍ତା ବିଦ୍ୟମାନ ବୋଲି କହିଥିଲେ। ଭବିଷ୍ୟ ମାଳିକାର ରଚୟିତା ଅରକ୍ଷିତ ଦାସଙ୍କ ରଚିତ ମହିମଣ୍ଡଳ ଗୀତାକୁ ହିନ୍ଦୀରେ ଅନୁବାଦ କରିଥିବାରୁ ଡ. ଉଦ୍‌ଗାତାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱର ନିର୍ଦ୍ଦେଶିକା ଦୀପ୍ତି ମିଶ୍ର, ସମ୍ମାନିତ ଅତିଥି ଭାବେ ବଡ଼କୋଠା କେନ୍ଦ୍ରାପଡା ରାଜାସାହେବ ରବୀନ୍ଦ୍ର କିଶୋର ଶ୍ରୀଚନ୍ଦନ, ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟଶାଣୀ, ସାହିତ୍ୟିକା ସୌଦାମିନୀ ଉଦ୍‌ଗାତା, ବିଶିଷ୍ଟ କଣ୍ଠଶିଳ୍ପୀ ଟି. ସୌରୀ, ଆଗାମୀ ଶତାବ୍ଦୀର ସମ୍ପାଦକ ମାସୁଦ ଅଲ୍ଲୀ, ଅଭିନେତା ଚିନ୍ତାମଣି ବିଶ୍ୱାଳ ପ୍ରମୁଖ ଯୋଗଦେଇ ସନ୍ଥ ଅରକ୍ଷିତ ଦାସ ଓ ତାଙ୍କ ରଚିତ ମହିମଣ୍ଡଳ ଗୀତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସମସ୍ତ ଅତିଥିଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରବଚକ ଶରଣାରବିନ୍ଦ ଓଝା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଚନ୍ଦନ ପୃଷ୍ଟି, ଶାକ୍ୟସିଂ ଭୂୟାଁ ଏହାକୁ ପରିଚାଳନା କରିଥିଲେ।

# 'ଲେଖକ ସମାଜ ପରିବର୍ତ୍ତନର ସୂତ୍ରଧର'

**ଗଙ୍ଗାଧର ରଥ ଫାଉଣ୍ଡେଶନର ସମ୍ମାନ ପ୍ରଦାନ ସମାରୋହ**

କଟକ ଅଫିସ, ୩।୪

ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ସପ୍ତବିଂଶତମ ସମ୍ମାନ ପ୍ରଦାନ ସମାରୋହ କଟକ କଳା ବିକାଶ କେନ୍ଦ୍ରର ଅଡିଟୋରିୟମଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଲେଖକମାନେ ନିଜର କର୍ତ୍ତବ୍ୟ ସମ୍ପାଦନ କଲେ ସମାଜ ସୁସ୍ଥ ଓ ସୁନ୍ଦର ହେବ। ଲେଖକମାନେ ସମାଜର ଜାଗ୍ରତ ପ୍ରହରୀ ଓ ସମାଜ ପରିବର୍ତ୍ତନର ସୂତ୍ରଧର। ଯୁଗେ ଯୁଗେ ସେମାନେ ସମାଜର ପରିବର୍ତ୍ତନ ଆଣିଥାନ୍ତି ବୋଲି ପଟ୍ଟନାୟକ କହିଥିଲେ। ଏହି ଅବସରରେ ସାହିତ୍ୟିକ ଡ. ଅରବିନ୍ଦ ପଟ୍ଟନାୟକଙ୍କୁ ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ କରାଯାଇଥିଲା।



ସମାରୋହରେ ଡ. ଅରବିନ୍ଦ ପଟ୍ଟନାୟକଙ୍କୁ ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ କରାଯାଉଛି।

ଆଇନଜ୍ଞ ଜଗନ୍ନାଥ ପଟ୍ଟନାୟକଙ୍କୁ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି କାବ୍ୟ ସାହିତ୍ୟରେ ବିଶେଷ ପରାକାଷ୍ଠା ପାଇଁ କବି ଅମରେନ୍ଦ୍ର ଖଟୁଆଙ୍କୁ ଭାନୁଜୀ ରାଓ ସ୍ମାରକୀ ପୁରସ୍କାର, କଥା ସାହିତ୍ୟରେ ବିଶେଷ କୃତିତ୍ୱ ପାଇଁ କଥାକାର ସୁରେଶ ଛୋଟରାୟଙ୍କୁ ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର, ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଡ. ସଂଘମିତ୍ରା ଭଞ୍ଜ ଓ କ୍ଷେତ୍ରବାସୀ ନାଏକଙ୍କୁ ସୁବ୍ରତ ରଥ ସ୍ମାରକୀ ପୁରସ୍କାର ଦିଆଯାଇଥିଲା। ଫାଉଣ୍ଡେଶନର ଟ୍ରଷ୍ଟି ଡା. ଜୟନ୍ତ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ଦେବେନ୍ଦ୍ର କୁମାର ଦାଶ ଯୋଗଦେଇଥିଲେ। ଟ୍ରଷ୍ଟର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡ. ବିଜୟାନନ୍ଦ ସିଂ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା, ବନ୍ଦିତା ଦାଶ ଓ ବିଦ୍ୟୁତ୍ ପ୍ରଧାନ ମାନପତ୍ର ପାଠ, ଲିପ୍ସିତା ରଥ ସରସ୍ୱତୀ ବନ୍ଦନା ଗାନ ଓ ଟ୍ରଷ୍ଟ ସମ୍ପାଦିକା ସୁସ୍ମିତା ରଥ ଧନ୍ୟବାଦ ଦେଇଥିଲେ। ଡା. ଅଳକା ରଥ କାର୍ଯ୍ୟକ୍ରମ ସଂଯୋଜନା ଓ ସଞ୍ଜୟ ରଥ ପରିଚାଳନା କରିଥିଲେ।



କଟକ ସଦର ଥାନା ଉରାଳି ଗ୍ରାମରେ ଦଧିବାମନଜୀଉଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ପାଇଁ ରବିବାର ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।



ତିଗିରିଆ ବ୍ଲକ କରଡ଼ାପଲ୍ଲୀ ଗ୍ରାମର ଜାମା ମସ୍‌ଜିଦରେ ରବିବାର ରମ୍‌ଜାନ ମାସର ପ୍ରଥମ ଦିନରେ ଇଫ୍‌ତାର ପାର୍ଟି।



କଟକ ଓସିଏ କନଫରେନ୍ସ ହଲରେ ରବିବାର ଅନୁଷ୍ଠିତ ଟ୍ରାଫିକ୍ ସମନ୍ୱୀୟ ଟ୍ରେନିଂ କାର୍ଯ୍ୟକ୍ରମରେ ଷ୍ଟୁଡେଣ୍ଟ ଟ୍ରାଫିକ୍ ଭଲ୍ୟୁଣ୍ଟିୟରମାନେ ଯୋଗଦେଇଛନ୍ତି।

## ସଂକ୍ଷେପରେ

### ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଲେ ଜାଗୁଲାଇ



ଜଟଣୀ,୩।୪(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରିର ଗ୍ରାମଦେବୀ ମା'ଜାଗୁଲାଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଜାରି ରହିଛି। ରବିବାର ସକାଳେ ସୂର୍ଯ୍ୟ ପୂଜା ଓ ସନ୍ଧ୍ୟାରେ ମହାସ୍ନାନ କରାଯାଇ ମା'ଙ୍କୁ ଚନ୍ଦ୍ରଘଣ୍ଟା ବେଶରେ ସଜ୍ଜିତ କରାଯାଇଥିଲା। ଷୋଡ଼ଶ ଉପଚାର ପୂଜା, ଚଣ୍ଡିପାଠ କରାଯିବା ସହିତ ହୋମଯଜ୍ଞ ରାତି ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ବହୁ ଶ୍ରଦ୍ଧାଳୁ ଏହି ବେଶ ଦର୍ଶନ କରିବା ସହ ମା'ଙ୍କ ସ୍ନାନ ପାଣି ପାନ କରିଥିଲେ। ସ୍ନାନ ପାଣି ପାନ କଲେ ସମସ୍ତ ପେଟ ରୋଗ ଭଲ ହୋଇଯାଏ ବୋଲି ଲୋକକଥା ରହିଛି। ସୋମବାର ମା'କୁଷ୍ମାଣ୍ଡା ବେଶରେ ଦର୍ଶନ ଦେବେ ବୋଲି ମନ୍ଦିର ପରିଚାଳନା କମିଟି ସମ୍ପାଦକ ଏଲ୍.ଡି ମହାନ୍ତି କହିଛନ୍ତି। କର୍ତ୍ତାକର୍ତ୍ତ୍ରି ଭାବେ ସ୍ୱର୍ଣ୍ଣଲତା କର ଓ ଅଭିରାମ କର ଶେଷ ପର୍ଯ୍ୟନ୍ତ ସେବା କରିବେ ବୋଲି ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡଙ୍କ ଠାରୁ ସୂଚନା ମିଳିଛି। କମିଟି ସଭାପତି ରାଧାମୋହନ ପଟ୍ଟନାୟକ, ସରୋଜ ପାଇକରାୟ, ରବିନାରାୟଣ ପଣ୍ଡା, ବିବେକ ଦଳାଇ, ସିଲୁ ସାମନ୍ତରାୟ, ଦେବେନ୍ଦ୍ର ବେହେରା, ଚର୍ଚ୍ଚିଲ ଦାସ, ପ୍ରମୋଦ ସାହୁ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ତାରିଣୀ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

ନିରାକାରପୁର,୩।୪(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଅଚ୍ୟୁତପୁର ପଞ୍ଚାୟତର ନାଲସିଂହ ଗ୍ରାମରେ ମା'ତାରିଣୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ବ୍ରତଧାରୀ ନିକଟ ମଲାଗୁଣୀ ନଦୀରୁ କଳସରେ ପାଣି ଆଣି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ରୀତିନୀତି ଅନଯାୟୀ ଗୋପୂଜା, ସୂର୍ଯ୍ୟପୂଜା ତଥା ସର୍ବଦେବଦେବୀ ଆବାହନ ପରେ ମନ୍ଦିର ପ୍ରତିଷ୍ଠା ପୂର୍ବକ ବିଗ୍ରହ ପ୍ରତିଷ୍ଠା କରାଯାଇ ମନ୍ଦିର ପ୍ରବେଶ ପୂର୍ବକ ମା'ଙ୍କୁ ଆସିନ କରାଯାଇଥିଲା। ଏହି ସମୟରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

### ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ନିରାକାରପୁର,୩।୪(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁରସ୍ଥିତ ପାଞ୍ଚଶାଣୀ କମ୍ପ୍ଲେକ୍ସ ଠାରେ ଓଡ଼ିଶା ଡାଇଗ୍ନୋସିସ ଭୁବନେଶ୍ୱର ଓ ନିରାକାରପୁରସ୍ଥିତ ଦି ଚାଇଲ୍ଡ କେୟାରର ମିଳିତ ଆନୁକୂଲ୍ୟରେ ଜନ୍ମରୁ ୧୦ବର୍ଷ ପିଲାଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଡା. ବ୍ରଜକିଶୋର ବେହେରା, ଡା. ଅମିତ ରନରୁପ୍ ପ୍ରମୁଖ ଯୋଗଦେଇଥିଲେ। ନିରାକାରପୁର ସମେତ ଆଖପାଖ ଅଞ୍ଚଳର ୨ଶହରୁ ଉର୍ଦ୍ଧ୍ୱ ପିଲାଙ୍କ ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଆଗାମୀ ଦିନରେ ପ୍ରସୂତି ମହିଳାଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ ବୋଲି ଚାଇଲ୍ଡକେୟାରର ପରିଚାଳକ ରତିକାନ୍ତ ଷଡ଼ଙ୍ଗୀ କହିଛନ୍ତି।

### ମେଳଣ ପଡ଼ିଆ ସଫେଇ କଲେ ବରିଷ୍ଠ ନାଗରିକ

ଜଟଣୀ,୩।୪(ଡି.ଏନ୍.ଏ.): ଜଟଣୀର ବରିଷ୍ଠ ନାଗରିକ ସେବା ସଙ୍ଘ ସଭାପତି ଅବନୀ କୁମାର ରାଉତରାୟଙ୍କ ନେତୃତ୍ୱରେ ରବିବାର ହରିରାଜପୁର ପଞ୍ଚଦୋଳ ମେଳଣ ପଡିଆକୁ ସଫା କରାଯଇଛି। ଗତ ୨୩ ରୁ ୨୭ତାରିଖ ପର୍ଯ୍ୟନ୍ତ ଏଠାରେ ମେଳଣ ହୋଇଥିବା ବେଳେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମେଳଣ ପରେ ପଡିଆରେ ଅଳିଆ ଆବର୍ଜନା ସହ ପଲିଥିନ ପଡିରହିଥିଲା। ଏହାକୁ ସଫା କରି ପରିବେଶ ଓ ମେଳଣ ପଡିଆକୁ ସୁନ୍ଦର ରଖିବା ଉଦ୍ଦେଶ୍ୟରେ ଉକ୍ତ ସଫେଇ କାର୍ଯ୍ୟକ୍ରମ ହୋଇଥିଲା ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଦିବାକର ମଙ୍ଗରାଜ, ତ୍ରିନାଥ ସାମନ୍ତରାୟ, ଜବାହରଲା ସୁବୁଦ୍ଧି, ବାସୁଦେବ ସେଠୀ, ସାରଙ୍ଗଧର ବେହେରା, ବିଷ୍ଣୁଚରଣ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପଞ୍ଚଦୋଳ ପରିଚାଳନା ପରିଷଦ ସଭାପତି ପ୍ରେମାନନ୍ଦ ମହାରଥୀ, ସଂଯୋଜକ ପ୍ରସନ୍ନ ମହାରଥୀ, ଅଭିମନ୍ୟୁ ବଳିୟାରସିଂହ, ବିଜୟ ଜେନା, ରବୀନ୍ଦ୍ର ପ୍ରଧାନ, ଶିବପ୍ରସାଦ ଚମ୍ପତି, ନନ୍ଦକିଶୋର ସାହ, ଗୋବିନ୍ଦ ବଳବନ୍ତରାୟ ପ୍ରମୁଖ ବରିଷ୍ଠ ନାଗରିକଙ୍କ ଏହି କାର୍ଯ୍ୟର ପ୍ରଶଂସା କରିଥିଲେ।

# ଲକ୍ଷାଧିକ ଟଙ୍କାର ଏଲ୍‌ଇଡି ୱାଲ ସ୍କ୍ରିନ ଲୁଟ୍

ଖୋର୍ଦ୍ଧା ଅଫିସ,୩।୪

ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥ ଅସୁରକ୍ଷିତ ହୋଇପଡ଼ିଛି। ଏହି ରାସ୍ତାରେ ଲୁଟପାଟ୍ ଘଟଣା ବଢିଚାଲିଛି। ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ଏଲ୍‌ଇଡି ସ୍କ୍ରିନ ବୋଝେଇ ଟାଟା ଏସିଇ ଗାଡ଼ିକୁ ଅପହରଣ କରି ସାମଗ୍ରୀ ଲୁଟିନେଇଥିବା ବାଘମାରୀ ଥାନାରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ କରି ଉକ୍ତ ଗାଡ଼ିକୁ ଖୋର୍ଦ୍ଧା ଉପକଣ୍ଠ ଅରାଙ୍ଗ ଜଙ୍ଗଲରୁ ଜବତ କରିଥିଲେ ମଧ୍ୟ ସାମଗ୍ରୀ ମିଳିପାରିନାହିଁ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଶନିବାର ରାତିରେ ଜି.ଉଦୟଗିରିରେ ଏକ ମହୋତ୍ସବରେ ଯୋଗଦେଇ ସନ୍ତୋଷ କୁମାର ଗୌଡ଼ ୨ଜଣ ସାଥୀଙ୍କ ସହ ଏକ ଟାଟା ଏସିଇ ଗାଡ଼ି (ନଂ. ଓଡି୦୨-ଏପି-୨୦୩୬)ରେ ଏଲ୍‌ଇଡି ସ୍କ୍ରିନ ବୋଝେଇ କରି ଭୁବନେଶ୍ୱର ଫେରୁଥିଲେ। ରାତି ପ୍ରାୟ ସାଢେ ୨ଟାରେ ଜାତୀୟ ରାଜପଥର ବାଘମାରୀସ୍ଥିତ ହଟ୍ଟକେଶ୍ୱର ମହିଳା ମହାବିଦ୍ୟାଳୟ ପୋଖରୀ ନିକଟରେ ହଠାତ ଗାଡ଼ିର ଇଞ୍ଜିନ ଗରମ

## ଅପହୃତ ଗାଡ଼ି ଅରାଙ୍ଗ ଜଙ୍ଗଲରୁ ଜବତ

ହୋଇଯାଇଥିଲା । ଡ୍ରାଇଭର ଗାଡ଼ିକୁ ରାସ୍ତାପାର୍ଶ୍ୱରେ ପାର୍କିଂ କରି ପୋଖରୀରୁ ପାଣି ଆଣିବାକୁ ଯାଇଥିଲେ। ଏହି ସମୟରେ ପଛରୁ ଏକ କାର୍‌ରେ ପିଛା କରି ଆସୁଥିବା କେତେଜଣ ଦୁର୍ବୃତ୍ତ ତାଙ୍କୁ ଭୟଭୀତ କରାଇ ଟାଟା ଏସିଇ ଧରି ଚମ୍ପଟ ମାରିଥିଲେ। ସନ୍ତୋଷଙ୍କ ଅଭିଯୋଗ କ୍ରମେ ବାଘମାରୀ ଥାନାରେ ପୋଲିସ ଏକ କେସ୍ (ନଂ. ୩୭/୨୨) ରୁଜୁ କରିଛି। ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର ଓ ଥାନାଧିକାରୀ ଅର୍ଚ୍ଚନା ମଲିକ ତଦନ୍ତ ଆରମ୍ଭ କରିଥିଲେ। ଅରାଙ୍ଗ ଜଙ୍ଗଲରେ ଗାଡ଼ିକୁ ଦୁର୍ବୃତ୍ତମାନେ ଛାଡ଼ି ଚାଲିଯାଇଥିବା ପୋଲିସ ଅଧିକାରୀ ଦ୍ୱୟ ଖବରପାଇ ରବିବାର ମଧ୍ୟାହ୍ନ ସାଢେ ୧୨ଟାରେ ସେଠାରେ ପହଞ୍ଚି ଗାଡ଼ି ଜବତ କରିଥିଲେ।

## ଜରିପୁଟ ଜଙ୍ଗଲରେ ଚଢ଼ାଉ: ବୋମା, ବାଇକ୍ ଜବତ

ଖୋର୍ଦ୍ଧା ଅଫିସ,୩।୪



ଖୋର୍ଦ୍ଧା ଟାଉନ ଥାନା ପୋଲିସ ରବିବାର ଜରିପୁଟ ଜଙ୍ଗଲରେ ଚଢ଼ାଉ କରି ଏକ ଗୃହରୁ ବାଇକ୍, ସ୍କୁଟି, ୫ଟି ବୋମା ଓ ୫୦୦ଗ୍ରାମ ଗନ ପାଉଡର ଜବତ କରିଛି। ଏହି ପାଉଡରର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ତେବେ ଏହି ଘଟଣାରେ କେହି ଧରାପଡ଼ି ନ ଥିବା ବେଳେ ପୋଲିସ ଏକ ମାମଲା (ନଂ.୧୬୦/୨୨)ରୁଜୁ କରି ତଦନ୍ତ ଚଳାଇଛି। ଏସ୍‌ପି ଅଲେଖ ଚନ୍ଦ୍ର ପହି, ଖୋର୍ଦ୍ଧା ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଟାଉନ ଥାନା ଇନଚାର୍ଜ ଡିଏସପି ସଞ୍ଜୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ପଦ୍ମଲୋଚନ ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।



ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଅନ୍ତର୍ଗତ ବିଜେ ଡିଆସ୍ଥିତ କପିଳେଶ୍ୱର ଦେବଙ୍କ ବିଜୟା ରଥ ଯାତ୍ରା ପାଇଁ ବିଶ୍ୱକର୍ମାଙ୍କ ଦ୍ୱାରା ରଥ ନର୍ମାଣ କାର୍ଯ୍ୟ ଚାଲିଛି।

# ଲୁଟେରା ଗ୍ୟାଙ୍ଗ୍‌ର ୬ ଗିରଫ

ପୁରୀ ଅଫିସ, ୩।୪

## ଟଙ୍କା, ବାଇକ୍ ଓ ୨ ବନ୍ଧୁକ ଜବତ

ପୁରୀ ବାଇପାସ୍ ରାସ୍ତାରେ ଯାତ୍ରୀଙ୍କଠାରୁ ଲୁଟ୍ କରୁଥିବା ଗ୍ୟାଙ୍ଗକୁ କାବୁ କରିଛି ପୋଲିସ। ବାଇପାସ ରାସ୍ତାରେ ଲୁଟ୍ ପାଇଁ ଯୋଜନା କରୁଥିବାବେଳେ ପୋଲିସ ଖବରପାଇ ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦନପୁର ଥାନା ଅଧୀନ ଦୋଳଗୋବିନ୍ଦପୁରର ବିଜୟ ମଲ୍ଲିକ, ସତ୍ୟ ମହାପାତ୍ର, ପୋଲାଙ୍ଗତୋଟା ଅଞ୍ଚଳର ନାରାୟଣ ମଲ୍ଲିକ, ସତ୍ୟବାଦୀ ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁରର ରାଜେଶ ପଟ୍ଟନାୟକ, କୁମ୍ଭାରପଡ଼ା ଥାନା ଅଧୀନ ନରେନ୍ଦ୍ରକୋଣ ଅଞ୍ଚଳର ପ୍ରଶାନ୍ତ ବେହେରା ଏବଂ କଣାସ ଥାନା ଅଧୀନ ଅଣ୍ଡାଳସିଂହ ଗ୍ରାମର ଜଗୁ ନାୟକ (୧୯)। ଏମାନଙ୍କଠାରୁ ୩୭୫୦ ଟଙ୍କା, ଗୋଟିଏ ଲୁହା ରଡ୍, ୨୦ଟି ବିଭିନ୍ନ କମ୍ପାନୀର ମୋବାଇଲ ଫୋନ, ୪ଟି ବାଇକ୍ ଏବଂ ୨ଟି ବନ୍ଧୁକ ଜବତ କରାଯାଇଛି। ଏନେଇ ପୋଲିସ ଏକ କେସ୍ (ନଂ. ୭୭/୨୨) ରୁଜୁ କରିଥିବା ନେଇ ରବିବାର ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ ସୂଚନା ଦେଇଛନ୍ତି। ସଦର ଏସ୍‌ଡିପିଓ କହିଛନ୍ତି, ଚନ୍ଦନପୁର ଥାନା ପୋଲିସ ଶନିବାର ରାତିରେ ପାଟ୍ରୋଲିଂ କରୁଥିବାବେଳେ କେତେଜଣ ଅସମାଜିକ ବ୍ୟକ୍ତି ଜଗନ୍ନାଥ ରୋଡ୍‌ଠାରେ ଏକାଠି ହୋଇ ଡକାୟତି କରିବାକୁ ଯୋଜନା କରୁଥିବା ପୋଲିସ ଖବର ପାଇଥିଲା। ପୋଲିସ ଉକ୍ତ ସ୍ଥାନରେ ଚଢାଉ କରି ଅଭିଯୁକ୍ତଙ୍କୁ ଧରିଥିଲା। ସେମାନଙ୍କୁ ଥାନାକୁ ଆଣି ପଚରାଉଚରା ପରେ ରବିବାର କୋର୍ଟ ଚାଲାଣ କରାଯାଇଛି।

# ମହାପ୍ରଭୁଙ୍କ ଦର୍ଶନରେ ଭକ୍ତ ବିଭୋର







ଖୋର୍ଦ୍ଧା ଅଫିସ,୩।୪

ଖୋର୍ଦ୍ଧା ହାବେଳି ପଡ଼ିଆ ପାଲଟିଛି ଭକ୍ତ ଓ ଭଗବାନଙ୍କ ମିଳନ କ୍ଷେତ୍ର। ଶ୍ରୀଜଗନ୍ନାଥ ଭକ୍ତି ଚେତନା ପରିଷଦ ପକ୍ଷରୁ ଆୟୋଜିତ ହୋଇଛି ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଓ ବେଶ ମହୋତ୍ସବ। ମହାପ୍ରଭୁଙ୍କ ଦୈନନ୍ଦିନ ବେଶ ସହ ବିଭିନ୍ନ ପର୍ବପର୍ବାଣୀରେ ଧାରଣ କରୁଥିବା ଆକର୍ଷଣୀୟ ୨୪ଟି ବେଶ ପ୍ରଦର୍ଶନ କରାଯାଉଛି। ଏହି ବେଶ ଦେଖି ବିଭୋର ହୋଇଉଠୁଛନ୍ତି ଭକ୍ତ। ଗୋଟିଏ ପଟେ ଚାଲିଛି ଅହୋରାତ୍ର ହୋମଯଜ୍ଞ, ଅନ୍ୟପଟେ ଚାଲିଛି ଭକ୍ତି ରସାମୃତ। ଫଳରେ ସୃଷ୍ଟି ହୋଇଛି ଏକ ଆଧାତ୍ମିକ ପରିବେଶ। ଏ ନେଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି କୋଟି ଓଡ଼ିଆଙ୍କ ମଉଡ଼ମଣି। ତାଙ୍କ ଦର୍ଶନ ପାଇଁ ଭକ୍ତ ମନ ସବୁବେଳେ ବ୍ୟାକୁଳ ଥାଏ। ଖୋର୍ଦ୍ଧା ମାଟିରେ ଏକ ସୁନ୍ଦର ଆୟୋଜନ କରାଯାଇଛି। ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନ କ୍ଷେତ୍ର ପାଲଟିଛି। ଆୟୋଜକ କମିଟିକୁ ଧନ୍ୟବାଦ ଦେଉଛି। ସେହିପରି ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଛନ୍ତି, ଦୀର୍ଘ ୨ବର୍ଷ ହୋଇଗଲା, ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହୋଇଛି। ଏଠାରେ ତାଙ୍କ ଦର୍ଶନରେ ଅପୂର୍ବ ଆନନ୍ଦ ମିଳିଛି। ଏହି ଦର୍ଶନ ପାଇ ମୁଁ ଭାବବିହ୍ୱଳ ହୋଇପଡ଼ିଥିଲି ବୋଲି ସେ ପ୍ରକାଶ କରିଛନ୍ତି। ଓକିଲ ସଂଘ ସଭାପତି ବିଜୟ ସାମନ୍ତସିଂହାର କହିଛନ୍ତି, ଭାବ ବିନୋଦିଆ, ଭକ୍ତବତ୍ସଳ କାଳିଆ ଠାକୁର ବର୍ଷକୁ ଥରେ ଭକ୍ତଙ୍କୁ ଦର୍ଶନ ଦେବା ଲାଗି ରତ୍ନବେଦିକୁ ଛାଡି ରଥାରଢ ହୋଇଥାନ୍ତି। ଏଠାରେ ପଞ୍ଚଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବରେ ମହାପ୍ରଭୁ ବିଜେ କରି ଅଗଣିତ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ଅନ୍ୟପକ୍ଷରେ ଭକ୍ତ ଶରଧାପୁର ନିବାସୀ ବବି ବେହେରା କହିଛନ୍ତି, ଗତ ଦୁଇ ବର୍ଷ ହେବ କୋଭିଡ୍ କଟକଣା ଯୋଗୁ ଶ୍ରୀକ୍ଷେତ୍ର ଯାଇପାରିନାହିଁ। ଏବେ ଏଠାରେ ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରି ମୁଁ ଅତ୍ୟନ୍ତ ଆନନ୍ଦିତ। ସେହିପରି ରାମେଶ୍ୱରର ସାଗରିକା ରଥ, ଗୁରୁଜଙ୍ଗର ସ୍ମୃତିପ୍ରଜ୍ଞା ପଟ୍ଟନାୟକ, ଠେଙ୍ଗାହାଟର ସସ୍ମିତା ମହାପାତ୍ର, ଶ୍ରୀରାମନଗରର ମଧୁପ୍ରିୟା ଦାସ, ଖୋର୍ଦ୍ଧା ହାଉସିଂ ବୋର୍ଡ କଲୋନୀର ବାସନ୍ତୀ ବେହେରା, ବିଡିଏ କଲୋନୀର ମମତାଞ୍ଜଳି ପଟ୍ଟନାୟକ, ଗୁରୁଜଙ୍ଗର ବୁବୁନା ସିଂ ଏବଂ ବରିଷ୍ଠ ଖବରଦାତା ଶୁଭ୍ରରଞ୍ଜନ ଦାସ ପ୍ରମୁଖ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ ଭାଗ୍ୟରେ ଥିଲେ ମିଳେ। ଖୋର୍ଦ୍ଧାରେ ମହାପ୍ରଭୁଙ୍କ ଅପୂର୍ବ ବେଶ ଦର୍ଶନ କରିବାର ସୁଯୋଗ ମିଳିଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ମନ ପବିତ୍ର ହୋଇଗଲା।

## ପ୍ରଫେସର ବୀରେନ୍ଦ୍ର ତିୱାରୀ ଭୁବନେଶ୍ୱର ଆଇଆଇଟି ନିର୍ଦ୍ଦେଶକ

ଜଟଣୀ,୩।୪(ଡି.ଏନ୍.ଏ.)

ଜଟଣୀ ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱରର ନୂତନ ନିର୍ଦ୍ଦେଶକ ଭାବେ ପ୍ରଫେସର ବୀରେନ୍ଦ୍ର କୁମାର ତିୱାରୀ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଇଆଇଟି ଖଡ଼ଗପୁରରେ ନିର୍ଦ୍ଦେଶକ ଭାବେ ପ୍ରଫେସର ତିୱାରୀ ଥିବା ବେଳେ ଭୁବନେଶ୍ୱର ଆଇଆଇଟିର ମଧ୍ୟ ନିର୍ଦ୍ଦେଶକ ଭାବେ ଦାଇତ୍ୱ ତୁଲାଇବେ। ସ୍ଥାୟୀ ନିର୍ଦ୍ଦେଶକ ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ପ୍ରକାଶ ଯେ, ପ୍ରଫେସର ଆର.ଭି. ରାଜକୁମାର ୫ବର୍ଷ ପାଇଁ ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ଥିବା ବେଳେ ସେ ଆଉ ୨ବର୍ଷ ଦୁଇ ବର୍ଷ ଏହି ଦାୟିତ୍ୱରେ ରହିଥିଲେ। ୭ବର୍ଷ ପରେ କାର୍ଯ୍ୟ କାଳ ବୃଦ୍ଧି ନ ହେବାରୁ ପ୍ରଫେସର ରାଜକୁମାର ଖଡ଼ଗପୁର ଆଇଆଇଟିକୁ ଫେରି ଯାଇଥିବା ଜଣାପଡ଼ିଛି।

## ଘରେ ପଶି ଅଳଙ୍କାର ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୩।୪(ବ୍ୟୁରୋ)

ଘରେ ପଶି ସୁନା ଅଳଙ୍କାର ଚୋରି କରିଥିବା ଜଣେ ଅଭିଯୁକ୍ତଙ୍କୁ ଲିଙ୍ଗରାଜ ଥାନା ପୋଲିସ ଗିରଫ କରିଛି। ସେ ହେଲେ ନୟାଗଡର ରବୀନ୍ଦ୍ର ନାୟକ। ତାଙ୍କଠାରୁ ଗୋଟିଏ ସୁଟ୍‌କେସ ଓ କାଗଜପତ୍ର ଜବତ କରାଯାଇଥିବାବେଳେ ଚୋରି ସୁନା ଅଳଙ୍କାର ମିଳିପାରି ନାହିଁ। ଏନେଇ ଲିଙ୍ଗରାଜ ଥାନା ପୋଲିସ ମାମଲା ନଂ.୭୮/୨୨ରେ ରୁଜୁ କରି ରବୀନ୍ଦ୍ରଙ୍କୁ ରବିବାର କୋର୍ଟଚାଲାଣ କରିଛି। ଚୋରି ସଂକ୍ରାନ୍ତରେ ଏହି ଥାନା ଅନ୍ତର୍ଗତ ରାମେଶ୍ୱର ପାଟଣା ରୋଡ୍ ବାରିକ ସାହିରେ ରହୁଥିବା ଜଣେ ମହିଳା ଅଭିଯୋଗ କରିଥିଲେ। ଗତ ମାର୍ଚ୍ଚ ୨୬ରେ ସେ କୌଣସି କାମରେ ଗାଁ କେଉଁଝରକୁ ଯାଇଥିଲେ। ଫେରିବା ପରେ ଘରେ ଚୋରି ହୋଇଥିବା ଦେଖିଥିଲେ।

## ବିଶ୍ୱନାଥ ରକ୍‌ଷ୍ଟାରକୁ ହରାଇ ହର୍ଷ୍ଟର୍ସ ଲାୟନ୍ସ ଚାମ୍ପିୟନ



ନିରାକାରପୁର,୩।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଧଉଳିମୁହଁ ପଞ୍ଚାୟତ ଅନ୍ତର୍ଗତ ରାମଚଣ୍ଡୀ ଗ୍ରାମରେ ମା'ରାମଚଣ୍ଡୀ କ୍ରିକେଟ କ୍ଲବ ଆନୁକୁଲ୍ୟରେ ଗତ ୨୬ତାରିଖରୁ ଆରମ୍ଭ ହୋଇଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବାବା ବିଶ୍ୱନାଥ ରକ୍‌ଷ୍ଟାରକୁ ୩ ଉଇକେଟରେ ହରାଇ ହର୍ଷ୍ଟର୍ସ ଲାୟନ୍ସ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟରେ ଦିବ୍ୟମ ମହାରଣା ଶ୍ରେଷ୍ଠ ଖେଳାଳି ଓ ବିନ୍ଦୁ ଭାରିମଲ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ ହୋଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସରପଞ୍ଚ କାଳୁ ଚରଣ ବଳିୟାରସିଂ, ଶିକ୍ଷାବିତ୍ ମଙ୍ଗୁଳି ଚରଣ ନିଶଙ୍କ, ସାମାଜିକକର୍ମୀ ସୌମ୍ୟ ରଞ୍ଜନ ହରିଚନ୍ଦନ, ଶିକ୍ଷାବିତ ସୁଭ୍ରାଂଶୁ ପାଲଟାସିଂହ ପ୍ରମୁଖ ଆତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ପ୍ରଦାନ କରିଥଲେ। ସୁଧାଂଶୁ ପାଲଟାସିଂହ, ମାନସ ଶ୍ରୀଚନ୍ଦନ, ବବୁଲୁ ପଟ୍ଟନାୟକ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଅଣ୍ଡରପାସ୍ ନିର୍ମାଣ ଦାବି ତେଜିଲା

ଜଟଣୀ,୩।୪(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଯାଁଳା ସ୍କୁଲ ଓ ପୋଷ୍ଟ ଅଫିସ ସମ୍ମୁଖ ୧୬ନମ୍ବର ଜାତୀୟ ରାଜପଥରେ ଏନ୍‌ଏଚ୍‌ଆଇ ପକ୍ଷରୁ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ରାସ୍ତା ପାର ହେବା ପାଇଁ ଅଣ୍ଡରପାସ ନ ଥିବାରୁ ଛାତ୍ରୀଛାତ୍ର ଓ ଗ୍ରାମବାସୀ ପାଚେରି ଡେଇଁ ଯାଉଥିବା ଦେଖିବାକୁ ମିଳିଛି। ସ୍କୁଲ ସମ୍ମୁଖରେ ଅଣ୍ଡରପାସ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ତହସିଲ ଠାରୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଗତ ୧୪ ତାରିଖରେ ଗ୍ରାମବାସୀ ଅଣ୍ଡରପାସ ନିର୍ମାଣ ଦାବିରେ ଧାରଣା ଦେଇଥିଲେ। ପୋଲିସ ପହଞ୍ଚି ସମସ୍ୟାର ସମାଧାନ ନିମନ୍ତେ ୭ଦିନ ସମୟ ଦେବା ଲାଗି କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ପ୍ରତିଶ୍ରୁତିକୁ ୨୦ ଦିନ ବିତିଯାଇଥିଲେ ମଧ ସମସ୍ୟାର ସମାଧାନ ହୋଇ ନ ଥିବା ବେଳେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନାହାନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# 'ସମୃଦ୍ଧ ସାହିତ୍ୟ, ସୁରକ୍ଷିତ ସଂସ୍କୃତିରେ ଏକ ବିକାଶଶୀଳ ଓଡ଼ିଶା ସମ୍ଭବ'

ଭୁବନେଶ୍ୱର,୩।୪ (ବ୍ୟୁରୋ)

ସମୃଦ୍ଧ ସାହିତ୍ୟ ଓ ସୁରକ୍ଷିତ ସଂସ୍କୃତିରେ ଏକ ବିକାଶଶୀଳ ଓଡ଼ିଶା ସମ୍ଭବ। ଏକ ଜାତି ତା'ର ସାହିତ୍ୟ,କଳା, ସଂଗୀତ, ନୃତ୍ୟ ଓ ସ୍ଥାପତ୍ୟକୁ ନେଇ ସମୃଦ୍ଧ ହୁଏ ବୋଲି ରବିବାର ଗୀତଗୋବିନ୍ଦ ସଦନଠାରେ କୋଣାର୍କ ଓଡ଼ିଶା ପରିବାରର ସପ୍ତମ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରି ଲ୍ୟୁଟ୍‌ନାଣ୍ଟ ଜେନେରାଲ ନାରାୟଣ ମହାନ୍ତି କହିନ୍ତି। ଏଥିଓହ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ସହ ଓଡ଼ିଶାର ସ୍ୱାଭିମାନ ଓ ଭାରତବର୍ଷର ସାର୍ବଭୌମତ୍ୱକୁ ନେଇ ସାହିତ୍ୟିକଗଣ ଅଧିକରୁ ଅଧିକ କଲମ ଚାଳନା ପାଇଁ ସେ ଉପସ୍ଥିତ କବି, ଗାଳ୍ପିକ, ସମାଲୋଚକ, ସମାଜସେବୀ ଓ ବୁଦ୍ଧିଜୀବୀଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ.ଅଜୟ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଗୀତିକବି ଶରତ ଦାଶ, କବି ହୁସେନ ରବି ଗାନ୍ଧୀ ଯୋଗଦେଇ ଓଡ଼ିଶା ସାହିତ୍ୟ-ସଂସ୍କୃତିର ବିକାଶରେ କୋଣାର୍କ ଓଡ଼ିଶା ପରିବାରର ଯୋଗଦାନକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶୁଚିସ୍ମିତା ପୃଷ୍ଟିଙ୍କୁ 'ଅରୁଣ ସ୍ମୃତି ସମ୍ମାନ', ଗୀତିକବିତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୀତିକାର ବଦ୍ରି ମିଶ୍ରଙ୍କୁ 'ନିରାକାର ସ୍ମୃତି ସମ୍ମାନ', ଇଂ. ଦୀପ୍ତି ରଞ୍ଜନ ପଣ୍ଡାଙ୍କୁ 'କୋଣାର୍କ ଓଡ଼ିଶା କବିତା ସମ୍ମାନ', ଗୁରୁଶ୍ରୀ ଭୀମସେନ ପାତ୍ରଙ୍କୁ 'କଳା ସମ୍ମାନ', ଗୋଲାପମଞ୍ଜରୀ କରଙ୍କୁ 'ସାହିତ୍ୟ ସମ୍ମାନ', ସତ୍ୟାନାଶଙ୍କୁ 'ବ୍ୟଙ୍ଗକବି ସମ୍ମାନ', ରାଇମୋହନ ପରିଡାଙ୍କୁ 'ଅଭିନେତା ସମ୍ମାନ' ଓ ସେବା ପାଇଁ ପୁରୀର ସାହିଭାଇକୁ 'କୋଣାର୍କ ଓଡ଼ିଶା ସେବା ସମ୍ମାନ' ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ମୁଖପତ୍ରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କବି ସେଖ୍ ଅବଦୁଲ ଖାଲିକ ଅଧ୍ୟକ୍ଷତାରେ ଅନୁଷ୍ଠିତ କବିତା ଆସରକୁ ସୁନିତା ପଣ୍ଡା, ସୌଦାମିନୀ ବେହେରା, ସର୍ବାଣି ଦାସ, ଶିବାନନ୍ଦ ବାରିକ ସଂଯୋଜନା କରିଥିଲେ। ଉଦଯାପନୀ ଅଧିବେଶନରେ ଡକ୍ଟର ପ୍ରଦୀପ କୁମାର ରଥ ଅତିଥିଭାବେ ଯୋଗ ଦେଇଥିଲେ।

# ଶରଧାପୁର ଚଉଦ ଦୋଳ ମେଳଣ ସରିଲା



ଖୋର୍ଦ୍ଧା ଅଫିସ,୩।୪

ଖୋର୍ଦ୍ଧା ବ୍ଲକ ନାଳିପଡ଼ା ଅର୍ଜ୍ଜୁନପୁର ପଞ୍ଚାୟତର ଶରଧାପୁରରେ ଚାଲିଥିବା ଚଉଦ ଦୋଳ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମ୍ୟ କମିଟି ଦ୍ୱାରା ଆୟୋଜିତ ଏହି ଦୋଳମେଳଣ ଶେଷ ଦିବସରେ ପ୍ରବଳ ଜନସମାଗମ ହୋଇଥିଲା। ୧୬ଟି ଗ୍ରାମର ଠାକୁରଙ୍କ ସମେତ ଭକ୍ତ ଏକାଠି ହୋଇଥିଲେ। ଶେଷ ଦିବସରେ ହରିହର ଭେଟ ନୀତି ପରେ ଉତ୍ସବ ସମାପନ ହୋଇଥିଲା। ଭୋରରେ ଠାକୁରମାନେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଗ୍ରାମର ଶ୍ରୀବାଲୁଙ୍କେଶ୍ୱର ମହାଦେବ ଥାନପତି ଭାବେ ଦୋଳମଣ୍ଡପରେ ବିଜେ କରିଥିଲେ। ଏହି ଚଉଦ ଦୋଳ ମେଳଣରେ ଥାନପତି ବାଲୁଙ୍କେଶ୍ୱରଙ୍କ ସମେତ ଜାଗୁଳେଇପାଟଣାର ରାଧାକୃଷ୍ଣ ଦେବ, ପାନବରଜ ବାଲୁଙ୍କେଶ୍ୱର, ଟାଙ୍ଗିଆପଡ଼ାର କେଦାରେଶ୍ୱର, ଗୋପପୁରିଆ ପାଟପୁରର ରାଧାକୃଷ୍ଣ ଦେବ, ବେରୁହାଁର ଭଗବତ ବାସୁଦେବ, ନାଳିପଡ଼ା ଅର୍ଜ୍ଜୁନପୁରର ଭଗବତ ବାସୁଦେବ, ଶରଧାପୁର ଭଗବତ ବାସୁଦେବ, ଚମ୍ପାପୁର ନିଆଳର ରାଧାକୃଷ୍ଣ, ବୋତଳମାର ଭାଗବତ ବାସୁଦେବ, ଗଡ଼ନିଆଳର କେଦାରେଶ୍ୱର, ହଳଦୀପଦାର ମଲିକେଶ୍ୱର, ଗଡ଼ତରଡୁଆ ନୂଆସାହିର ରାଧାଗୋବିନ୍ଦ, ଶରଧାପୁର (ବାରିକ ସାହି)ର ଭଗବତ ବାସୁଦେବ, ଗୋପାଳସାହିର ରାଧାକୃଷ୍ଣ ଏବଂ ଭାଲିଆବାଡ଼ି (ସାନପଲ୍ଲା)ର ରାଧାକୃଷ୍ଣ ଦେବ ଏକାଠି ହୋଇଥିଲେ। ଗ୍ରାମ୍ୟ କମିଟି ସଭାପତି ଲକ୍ଷ୍ମୀଧର ବଡଜେନା କହିଛନ୍ତି, ଏହି ଦୋଳ ମେଳଣ ଉତ୍ସବ ଦୀର୍ଘ ବର୍ଷ ଧରି ପାଳିତ ହୋଇଆସୁଛି। ବର୍ଷକୁ ଥରେ ଶରଧାପୁର ସମେତ ଆଖପାଖ ଗାଁର ଗ୍ରାମବାସୀଙ୍କ ମିଳନ ଘଟିଥାଏ। ପରସ୍ପର ମଧ୍ୟରେ ଭାଇଚାରା ଓ ଭାବର ଆଦାନପ୍ରଦାନ ହୋଇଥାଏ।

## ପନ୍ଦର ଦୋଳ ଯାତ୍ରା ଆରମ୍ଭ

ବୋଲଗଡ଼, ୩।୪ (ଡି.ଏନ୍.ଏ.)

ବୋଲଗଡ଼ରେ ଶନିବାର ରାତିରୁ ଆରମ୍ଭ ହୋଇଛି ପନ୍ଦର ଦୋଳ ଯାତ୍ରା ମହୋତ୍ସବ। ବୃତିୟାପଡାସ୍ଥିତ ପନ୍ଦରଦୋଳ ପଡ଼ିଆରେ ଅନୁଷ୍ଠିତ ଏହି ଦୋଳଯାତ୍ରା ମହୋତ୍ସବରେ ଖଣ୍ଡୁରିଆ ଗ୍ରାମର ଶ୍ରୀଅମୃତେଶର ଦେବ ରାଜ ଠାକୁର ଭାବେ ସୁସଜ୍ଜିତ ବିମାନରେ ବିଜେ କରିଛନ୍ତି। ସେହିପରି ସଂପୁର ଗ୍ରାମସ୍ଥିତ ବାଲୁଙ୍କେଶର ଦେବ ଏହି ମହୋତ୍ସବରେ ମନ୍ତ୍ରୀ ଠାକୁର ଭାବେ ଦୋଳ ବିମାନରେ ଉପବେଷ୍ଟନ କରିଛନ୍ତି। ପରେ ନିକଟସ୍ଥ ବାରପଲ୍ଲୀ ଅଞ୍ଚଳରୁ ଆସିଥିବା ସମସ୍ତ ୪୧ଟି ସୁସଜ୍ଜିତ ବିମାନରେ ନିମନ୍ତ୍ରିତ ଠାକୁର ଦୋଳ ଯାତ୍ରା ପଡିଆରେ ବିଜେ କରିଥିଲେ। ରବିବାର ସକାଳେ ଚଉଦୋଳରେ ବିଜେ କରିଥିବା ଦେବଦେବୀଙ୍କ ପ୍ରଜାନୀତି କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଚଉଦୋଳରେ ବିଜେ ଦେବଦେବୀଙ୍କୁ ଦର୍ଶନ କରିଥିବା ଦେଖିବାକୁ ମିଳିଛି। ଏହି ଦୋଳ ମହୋତ୍ସବ ୧୧୮ବର୍ଷ ଧରି ପାଳିତ ହୋଇଆସୁଥିବା ବେଳେ ଚଳିତ ବର୍ଷ ୪ଦିନ ବ୍ୟାପୀ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ପାସେଞ୍ଜର ଟ୍ରେନ୍ ଚଳାଇବା ପାଇଁ ଦାବି

ଡେଲାଙ୍ଗ,୩।୪(ଡି.ଏନ୍.ଏ.): ପୁରୀ ଜିଲା ଡେଲାଙ୍ଗ ଓ କଣାସ ଅଞ୍ଚଳର ଅନେକ ଲୋକ ଯାତାୟାତ ପାଇଁ ଟ୍ରେନ ଉପରେ ନିର୍ଭର କରିଥାନ୍ତି। କରୋନା ମହାମାରୀ ପାଇଁ ପୁରୀ-ବଡବିଲ, ପୁରୀ-ପାରାଦୀପ, ପୁରୀ-ତାଳଚେର ଆଦି ବହୁ ପାସେଞ୍ଜରଟ୍ରେନ୍‌କୁ ରେଲୱେ ପକ୍ଷରୁ ବାତିଲ କରାଯାଇଛି। ଫଳରେ ଟ୍ରେନ ଉପରେ ନିର୍ଭର କରୁଥିବା ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ତେବେ କରୋନା ସଂକ୍ରମଣ ହ୍ରାସ ପାଇଥିବା ବେଳେ ପାସେଞ୍ଜର ଟ୍ରେନଗୁଡ଼ିକୁ ପୁନଃ ଚଳାଇବା ପାଇଁ ଏଆଇକେକେଏମଏସର ରାଜ୍ୟ ସମ୍ପାଦକ କମ୍ରେଡ ରଘୁନାଥ ଦାସ ଓ ରେଳ ଉନ୍ନୟନ କମିଟିର ସମ୍ପାଦକ ଶରତ ମହାନ୍ତି ଦାବି କରିଛନ୍ତି। ଏଥିସହ ସଙ୍ଗଠନ ପକ୍ଷରୁ ରେଳ ପ୍ରବନ୍ଧକ ଓ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

### ଆମ ପରିବେଶ ଆମ ଦାୟିତ୍ୱ

ପୁରୀ ଅଫିସ, ୩।୪: ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ଧାମ ତଥା ଶଙ୍ଖକ୍ଷେତ୍ର ପୁରୀକୁ ପର୍ଯ୍ୟଟକ ଆସିଲେ ବୁଲିବା ପାଇଁ କୋଣାର୍କ ସୂର୍ଯ୍ୟ ମନ୍ଦିର ଯାଇଥାନ୍ତି। ପୁରୀ ଓ କୋଣାର୍କକୁ ତାଳବଣିଆ ରାସ୍ତା ସଂଯୋଗ କରୁଛି। ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଏହି ତାଳବଣିଆ ରାସ୍ତା ଦେଇ କୋଣାର୍କ ଯାଇଥାନ୍ତି। ତେବେ ତାଳବଣିଆ ଅଞ୍ଚଳ ଏବେ ବର୍ଜ୍ୟବସ୍ତୁର ପାହାଡ଼ ହେବାକୁ ଲାଗିଛି। ବହୁ ସମୟରେ ରେଷ୍ଟୁରାଣ୍ଟର ବଳକା ଖାଦ୍ୟ ଓ ମେଡିକାଲର ନଷ୍ଟ ସାମଗ୍ରୀକୁ ଏଠାରେ ଫିଙ୍ଗିଦିଆଯାଉଛି। ପିକ୍‌ନିକ୍ ଭୋଜି ପରେ ଖଲିପତ୍ର ଏଣେତେଣେ ପକାଯାଉଛି। ତେଣୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ସାମାଜିକ ଅନୁଷ୍ଠାନ ଉମିଦ୍ ଫାଉଣ୍ଡେଶନ ଦ୍ୱାରା ତାଳବଣିଆରେ ଆମ ପରିବେଶ ଆମ ଦାୟିତ୍ୱ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ତାଳବଣିଆକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଜୋରଦାର ଉଦ୍ୟମ ଚାଲିଛି। ଜନ ସାଧାରଣଙ୍କୁ ଚିତ୍ର ମାଧମରେ ସଚେତନ କରାଯିବା ସହ ତାଳବଣିଆ ଓ ଆମ ପରିବେଶ ଆମ ଦାୟିତ୍ୱ ସ୍ଲୋଗାନ୍ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ଅନୁରାଗୀ ଟ୍ରଷ୍ଟ, ଉର୍ଜାବାନ ଓଡ଼ିଶା, ଫିଡ୍ ବ୍ୟାକ ଫାଉଣ୍ଡେଶନ, ଶ୍ରୀକ୍ଷେତ୍ରବାସୀ ଏବଂ ଆସୋସିଏଶନ୍ ଅଫ ଟୁଇଟର ଆକଟିଭିଟିଜ୍‌ର ସଦସ୍ୟମାନେ ଯୋଗଦେଇଥିଲେ।

### ଶ୍ରୀଅରବିନ୍ଦ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା

ନିମାପଡ଼ା,୩।୪(ଡି.ଏନ୍.ଏ.): ମହାଯୋଗୀ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଅତିମାନସ ଚେତନା ଜାଗରଣ ଯାତ୍ରା ଲାଗି ସାରା ଓଡ଼ିଶାରେ ରଥ ପରିକ୍ରମା କରୁଛି। ଏହି ରଥ ରବିବାର ରାତିରେ ନିମାପଡ଼ାରେ ପହଞ୍ଚିଛି। ଶିକ୍ଷାବିତ ଜଗତ୍ ପ୍ରସାଦ ସାବୁତ, ଶହୀଦ ସ୍ମୃତି ସଂସଦର ସମ୍ପାଦକ ଡ.ବେଣୁଧର ସେନାପତି, ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ବିଶ୍ୱମ୍ଭର ସାହୁ, କ୍ଷୀରୋଦ ଚନ୍ଦ୍ର ରାୟମହାପାତ୍ରଙ୍କ ସମେତ ନିମାପଡ଼ା ଯୁବ ବିକାଶ ପରିଷଦ, ରିମେଡିଆଲ ଚ୍ୟାରିଟେବୁଲ ଟ୍ରଷ୍ଟ, ନୟାସବେରା ୟୁଥ ଟ୍ରଷ୍ଟ, ମାତୃ ସେବା ସଦନ, ପତିତପାବନ ସେବା ସଂଘ ପକ୍ଷରୁ ନିମାପଡ଼ା ଗୋଲେଇ ଛକରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହା ପରେ ରଥ ସହର ପରିକ୍ରମା କରିଥିଲା। ସୋମବାର ପିପିଲି ଅଭିମୁଖେ ଏହି ରଥ ଯାତ୍ରା କରିବ ବୋଲି ଜଣାପଡ଼ିଛି।

### ମହାପ୍ରଭୁଙ୍କ ଦର୍ଶନରେ ଭକ୍ତ ବିଭୋର

ଖୋର୍ଦ୍ଧା ଅଫିସ,୩।୪: ଖୋର୍ଦ୍ଧା ହାବେଳି ପଡ଼ିଆ ପାଲଟିଛି ଭକ୍ତ ଓ ଭଗବାନଙ୍କ ମିଳନ କ୍ଷେତ୍ର। ଶ୍ରୀଜଗନ୍ନାଥ ଭକ୍ତି ଚେତନା ପରିଷଦ ପକ୍ଷରୁ ଆୟୋଜିତ ହୋଇଛି ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଓ ବେଶ ମହୋତ୍ସବ। ମହାପ୍ରଭୁଙ୍କ ଦୈନନ୍ଦିନ ବେଶ ସହ ବିଭିନ୍ନ ପର୍ବପର୍ବାଣୀରେ ଧାରଣ କରୁଥିବା ଆକର୍ଷଣୀୟ ୨୪ଟି ବେଶ ପ୍ରଦର୍ଶନ କରାଯାଉଛି। ଏହି ବେଶ ଦେଖି ବିଭୋର ହୋଇଉଠୁଛନ୍ତି ଭକ୍ତ। ଗୋଟିଏ ପଟେ ଚାଲିଛି ଅହୋରାତ୍ର ହୋମଯଜ୍ଞ, ଅନ୍ୟପଟେ ଚାଲିଛି ଭକ୍ତି ରସାମୃତ। ଫଳରେ ସୃଷ୍ଟି ହୋଇଛି ଏକ ଆଧାତ୍ମିକ ପରିବେଶ। ଏ ନେଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି କୋଟି ଓଡ଼ିଆଙ୍କ ମଉଡ଼ମଣି। ତାଙ୍କ ଦର୍ଶନ ପାଇଁ ଭକ୍ତ ମନ ସବୁବେଳେ ବ୍ୟାକୁଳ ଥାଏ। ଖୋର୍ଦ୍ଧା ମାଟିରେ ଏକ ସୁନ୍ଦର ଆୟୋଜନ କରାଯାଇଛି। ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନ କ୍ଷେତ୍ର ପାଲଟିଛି। ଆୟୋଜକ କମିଟିକୁ ଧନ୍ୟବାଦ ଦେଉଛି। ସେହିପରି ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ କହିଛନ୍ତି, ଦୀର୍ଘ ୨ବର୍ଷ ହୋଇଗଲା, ମହାପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହୋଇଛି। ଏଠାରେ ତାଙ୍କ ଦର୍ଶନରେ ଅପୂର୍ବ ଆନନ୍ଦ ମିଳିଛି। ଏହି ଦର୍ଶନ ପାଇ ମୁଁ ଭାବବିହ୍ୱଳ ହୋଇପଡ଼ିଥିଲି ବୋଲି ସେ ପ୍ରକାଶ କରିଛନ୍ତି। ଓକିଲ ସଂଘ ସଭାପତି ବିଜୟ ସାମନ୍ତସିଂହାର କହିଛନ୍ତି, ଭାବ ବିନୋଦିଆ, ଭକ୍ତବତ୍ସଳ କାଳିଆ ଠାକୁର ବର୍ଷକୁ ଥରେ ଭକ୍ତଙ୍କୁ ଦର୍ଶନ ଦେବା ଲାଗି ରତ୍ନବେଦିକୁ ଛାଡି ରଥାରୂଢ ହୋଇଥାନ୍ତି। ଏଠାରେ ପଞ୍ଚଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବରେ ମହାପ୍ରଭୁ ବିଜେ କରି ଅଗଣିତ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।



ପୁରୀର ବିଦ୍ୱତ ପରିଷଦ ପକ୍ଷରୁ ରବିବାର ଆୟୋଜିତ ସମୂହ ବ୍ରତପୋନୟନ ଉତ୍ସବରେ ବ୍ରତ ହୋଇଥିବା ବ୍ରାହ୍ମଣ ପିଲାଙ୍କ ସହ ଅନ୍ୟମାନେ ।

# ଲୁଟେରା ଗ୍ୟାଙ୍ଗ୍‌ର ୬ ଗିରଫ

- ପୁରୀ ବାଇପାସ୍ ରାସ୍ତାରେ ଲୁଟ୍ ଯୋଜନା କରୁଥିଲେ
- ଟଙ୍କା, ୨୦ ମୋବାଇଲ, ୪ ବାଇକ୍ ଓ ୨ ବନ୍ଧୁକ ଜବତ

ପୁରୀ ଅଫିସ, ୩।୪:

ପୁରୀ ବାଇପାସ୍ ରାସ୍ତାରେ ଯାତ୍ରୀଙ୍କଠାରୁ ଲୁଟ୍ କରୁଥିବା ଗ୍ୟାଙ୍ଗକୁ କାବୁ କରିଛି ପୋଲିସ। ବାଇପାସ ରାସ୍ତାରେ ଲୁଟ୍ ପାଇଁ ଯୋଜନା କରୁଥିବାବେଳେ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦନପୁର ଥାନା ଅଧୀନ ଦୋଲଗୋବିନ୍ଦପୁରର ବିଜୟ ମଲ୍ଲିକ୍ ଓରଫ ବିଜୁ (୨୦), ସତ୍ୟ ମହାପାତ୍ର ଓରଫ ଟିକୁ (୧୯), ପୋଲାଙ୍ଗତୋଟା ଅଞ୍ଚଳର ନାରାୟଣ ମଲ୍ଲିକ ଓରଫ ଗୁନୁ (୨୧), ସତ୍ୟବାଦୀ ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁରର ରାଜେଶ ପଟ୍ଟନାୟକ ଓରଫ ଲକି (୨୩), କୁମ୍ଭାରପଡ଼ା ଥାନା ଅଧୀନ ନରେନ୍ଦ୍ରକୋଣ ଅଞ୍ଚଳର ପ୍ରଶାନ୍ତ ବେହେରା ଓରଫ ଟିଂକି (୨୪) ଏବଂ କଣାସ ଥାନା ଅଧୀନ ଅଣ୍ଡାଳସିଂହ ଗ୍ରାମର ଜଗୁ ନାୟକ (୧୯)। ଏମାନଙ୍କଠାରୁ ୩୭୫୦ ଟଙ୍କା, ଗୋଟିଏ ଲୁହା ରଡ୍, ୨୦ଟି ବିଭିନ୍ନ କମ୍ପାନୀର ମୋବାଇଲ ଫୋନ, ୪ଟି ବାଇକ୍ ଏବଂ ୨ଟି ବନ୍ଧୁକ ଜବତ କରାଯାଇଛି। ଏନେଇ ପୋଲିସ ଏକ କେସ୍ (ନଂ. ୭୭/୨୨) ରୁଜୁ କରିଥିବା ନେଇ ରବିବାର ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ ସୂଚନା ଦେଇଛନ୍ତି।

ସଦର ଏସ୍‌ଡିପିଓ କହିଛନ୍ତି, ଚନ୍ଦନପୁର ଥାନା ପୋଲିସ ଶନିବାର ରାତିରେ ପାଟ୍ରୋଲିଂ କରୁଥିବାବେଳେ କେତେଜଣ ଅସାମାଜିକ ବ୍ୟକ୍ତି ଜଗନ୍ନାଥ ରୋଡ୍‌ଠାରେ ଏକାଠି ହୋଇ ଡକାୟତି କରିବାକୁ ଯୋଜନା କରୁଥିବା ପୋଲିସ ଖବର ପାଇଥିଲା। ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲା। ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରାଯିବା ସହ ପ୍ରାରମ୍ଭିକ ତଦନ୍ତ ପରେ ରବିବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ମୁଖ୍ୟତଃ ପୁରୀ-ଭୁବନେଶ୍ୱର ବାଇପାସ୍ ଓ ଜଗନ୍ନାଥ ସଡ଼କରେ ଲୋକଙ୍କୁ ମାରଣାସ୍ତ୍ର ଦେଖାଇ ଲୁଟପାଟ୍ କରୁଥିଲେ। ତଦନ୍ତ ସମୟରେ ଅଧିକ ତଥ୍ୟ କିଛି ମିଳିବ ବୋଲି ଏସ୍‌ଡିପିଓ ମୁଣ୍ଡ ଆଶା ପ୍ରକାଶ କରିଛନ୍ତି।



ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

## ପ୍ରଫେସର ବୀରେନ୍ଦ୍ର ତିୱାରୀ ଆଇଆଇଟି ନିର୍ଦ୍ଦେଶକ

ଜଟଣୀ,୩।୪(ଡି.ଏନ୍.ଏ.): ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱରର ନୂତନ ନିର୍ଦ୍ଦେଶକ ଭାବେ ପ୍ରଫେସର ବୀରେନ୍ଦ୍ର କୁମାର ତିୱାରୀ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଇଆଇଟି ଖଡ଼ଗପୁରରେ ନିର୍ଦ୍ଦେଶକ ଭାବେ ପ୍ରଫେସର ତିୱାରୀ ଥିବା ବେଳେ ଭୁବନେଶ୍ୱର ଆଇଆଇଟିର ମଧ୍ୟ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଇବେ। ସ୍ଥାୟୀ ନିର୍ଦ୍ଦେଶକ ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ପ୍ରକାଶ ଯେ, ପ୍ରଫେସର ଆର.ଭି. ରାଜକୁମାର ୫ବର୍ଷ ପାଇଁ ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନିର୍ବାହ କରିବାକୁ ଥିବା ବେଳେ ସେ ଆଉ ୨ବର୍ଷ ଏହି ଦାୟିତ୍ୱରେ ରହିଥିଲେ। ୭ବର୍ଷ ପରେ କାର୍ଯ୍ୟ କାଳ ବୃଦ୍ଧି ନ ହେବାରୁ ପ୍ରଫେସର ରାଜକୁମାର ଖଡ଼ଗପୁର ଆଇଆଇଟିକୁ ଫେରିଯାଇଥିବା ଜଣାପଡ଼ିଛି।

## ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ସହ କାଠ ଜବତ

### ୨ ସ'ମିଲ୍‌ରେ ଚଢ଼ାଉ

ଗୋପ, ୩।୪(ଡି.ଏନ୍.ଏ.):

ଗୋପ ଜଙ୍ଗଲ ବିଭାଗ ପକ୍ଷରୁ ରବିବାର ସକାଳେ ଗଣେଶ୍ୱରପୁର ପଞ୍ଚାୟତ ଶଙ୍ଖାରିଆ, ସୁବର୍ଣ୍ଣପୁରରେ ଥିବା ୨ଟି ବେଆଇନ ସ'ମିଲ୍ ଉପରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ଲକ୍ଷାଧିକ ଟଙ୍କାର କାଠ ସହ ଯନ୍ତ୍ରାଂଶ ଜବତ ହୋଇଛି। ଜଙ୍ଗଲ ବିଭାଗ ରେଞ୍ଜର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ପ୍ରକାଶ ଯେ, ଗୋପ ଜଙ୍ଗଲ ବିଭାଗ ଅଧୀନରେ ଅନ୍ତୁଆର, ବାଲିକନ୍ଦଳ, ଖେଲାର, ରଟିଲୋ, ବଲଙ୍ଗା, ପୋଦନା, ତୁଳସୀପୁର ସହିତ ୨୫ରୁ ଉର୍ଦ୍ଧ୍ୱ ବେଆଇନ ସ'ମିଲ୍ ଚାଲୁଥିବା ଅଭିଯୋଗ ହୋଇଆସୁଥିଲା। କିଛି ଦିନ ଧରି ମିଲ୍‌ଗୁଡିକ ବନ୍ଦ ରହିଥିବାବେଳେ କାଁ ଭାଁ ସ୍ଥାନରେ ଚାଲୁ ରହିଥିଲା। ଏହି ଅଭିଯୋଗକୁ ନେଇ ରବିବାର ପ୍ରଥମ ପର୍ଯ୍ୟାୟରେ ଗଣେଶ୍ୱରପୁର ପଞ୍ଚାୟତର ୨ଟି ସ'ମିଲ୍ ଉପରେ ଚଢ଼ାଉ କରାଯାଇଥିବାବେଳେ ଅନ୍ୟ ମିଲ୍‌ଗୁଡିକ ଉପରେ ଖୁବଶୀଘ୍ର ଚଢ଼ାଉ କରାଯିବ ବୋଲି ରେଞ୍ଜର ସ୍ୱାଇଁ କହିଛନ୍ତି। ତେବେ ଚଢ଼ାଉର କିଛି ଘଣ୍ଟା ପରେ ପୁଣି ଥରେ ଉକ୍ତ ମିଲ୍ ଚାଲିଥିବା ଅଭିଯୋଗ ହୋଇଛି। ଏନେଇ ରେଞ୍ଜର ସ୍ୱାଇଁ କୁହନ୍ତି, ଚଢ଼ାଉ ହୋଇଥିବା ୨ ବେଆଇନ ମିଲ୍‌ର ମାଲିକଙ୍କ ନାମରେ ମାମଲା ହୋଇଛି। ଚଢ଼ାଉକୁ ଅଧିକ ଜୋରଦାର କରାଯିବ ବୋଲି ସେ କହିଛନ୍ତି।

## ବ୍ରାଉନସୁଗାର କାରବାର: ୩ ଧରାପଡ଼ିଲେ

ପୁରୀ ଅଫିସ, ୩।୪:

ବ୍ରାଉନସୁଗାର କାରବାର ଅଭିଯୋଗରେ ୩ଜଣଙ୍କୁ ସମୁଦ୍ରକୂଳ ଥାନା ପୋଲିସ ଧରିଛି। ସେମାନେ ହେଲେ ତାଳବଣିଆ ଥାନା ଅନ୍ତର୍ଗତ ନବକଳେବର ରୋଡ ଅଞ୍ଚଳର ରାକେଶ କୁମାର ବାରିକ୍ ଓରଫ ରାକା (୨୧), ସମୁଦ୍ରକୂଳ ଧୋବାସାହି ଅଞ୍ଚଳର ଆଶୁତୋଷ ବେହେରା (୨୬) ଏବଂ ସିଟି ରୋଡ ହୋଟେଲ ପିଙ୍କ୍ ହାଉସ ଅଞ୍ଚଳର ଜଣେ ନାବାଳକ। ଏମାନଙ୍କ ନିକଟରୁ ୧୦ ଗ୍ରାମ ୪୦ ମିଲିଗ୍ରାମ ବ୍ରାଉନସୁଗାର, ୩୫୦୦ ଟଙ୍କା, ୩ଟି ମୋବାଇଲ ଫୋନ, ୨ବାଇକ ଜବତ କରିଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୭୨/୨୨) ରୁଜୁ କରିଛି। ୨ଅଭିଯୁକ୍ତଙ୍କୁ ଗିରଫ ପରେ ରବିବାର କୋର୍ଟଚାଲାଣ କରାଯାଇଥିବାବେଳେ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି।

# କବିତାରେ ରହିଛି ପରମ୍ପରା ଓ ସଂସ୍କୃତି

### ଗୋପ ଲୋକ ଉତ୍ସବର ଚତୁର୍ଥ ସନ୍ଧ୍ୟା

ଗୋପ, ୩।୪(ଡି.ଏନ୍.ଏ.):

କବି ଓ କବିତା ଭିତରେ ରହିଛି ପରମ୍ପରା ଏବଂ ସଂସ୍କୃତି। ଯେତେବେଳେ ଜଣେ କବି ତା'ର କବିତା ଭିତରେ କିଛି ତଥ୍ୟ ଓ ଭାବନାକୁ ନେଇ କବିତା ପରିବେଷଣ କରିଥାଏ ସେତେବେଳେ ତା'ର କବିତା ସଂକଳନରେ ପରମ୍ପରା ସଂସ୍କୃତିର ଚିହ୍ନ ରହିଥାଏ ବୋଲି ଗୋପ ଲୋକ ଉତ୍ସବର ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ କବି ରମାକାନ୍ତ ମହାପାତ୍ର ଯୋଗଦେଇ ଏହା କହିଛନ୍ତି। ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇ, ଶିକ୍ଷାବିତ୍ ସତ୍ୟପୀର ନାୟକ, ନରେନ୍ଦ୍ର ଦାସ ଗୋପ ଲୋକ ଉତ୍ସବ ଓ ଗୋପାଳଜୀଉ ମେଳଣ ଏହା ବ୍ରିଟିଶ ଶାସନ ସମୟର ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ୨୦ ରୁ ଉର୍ଦ୍ଧ୍ୱ କବି ଯୋଗଦେଇ କବିତା ଗାନ କରିଥିଲେ। ନାଟ୍ୟକାର ବିଜୟ କୁମାର ମହାନ୍ତି, ଲେଖକ ସୁବାସ କୁମାର ବରାଳ, କବି ସୁଜାତା ସିହ୍ନା, ବିଭୁତି ଭୂଷଣ ପଟ୍ଟନାୟକଙ୍କ ସମେତ ଶ୍ୟାମ ପ୍ରସାଦ ବୋଷ, ବିପିନ ନାୟକ, ଗୋପୀନାଥ ମୁଦୁଲି, ସସ୍ମିତା ଷଡ଼ଙ୍ଗୀ, ମଧୁମିତା ସାହୁ, ଶାଶ୍ୱତ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ କବିଙ୍କୁ ସମ୍ମାନିତ କରାଯାଇଥିଲା। ସଂଗ୍ରାମ କେଶରୀ ଭୋଳ, କାର୍ତ୍ତିକ ପ୍ରଧାନ, ପ୍ରଣବ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଗୋପ ଲୋକଉତ୍ସବର ଚତୁର୍ଥ ସନ୍ଧ୍ୟାରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା

## ଜରିପୁଟ ଜଙ୍ଗଲରେ ଚଢ଼ାଉ: ବୋମା, ବାଇକ୍ ଜବତ

ଖୋର୍ଦ୍ଧା ଅଫିସ,୩।୪:

ଖୋର୍ଦ୍ଧା ଟାଉନ ଥାନା ପୋଲିସ ରବିବାର ଜରିପୁଟ ଜଙ୍ଗଲରେ ଚଢ଼ାଉ କରି ଏକ ଗୃହରୁ ବାଇକ୍, ସ୍କୁଟି, ୫ଟି ବୋମା ଓ ୫୦୦ଗ୍ରାମ ଗନ୍ ପାଉଡର ଜବତ କରିଛି। ଏହି ପାଉଡରର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ତେବେ ଏହି ଘଟଣାରେ କେହି ଧରାପଡ଼ି ନ ଥିବା ବେଳେ ପୋଲିସ ଏକ ମାମଲା (ନଂ.୧୬୦/୨୨)ରୁଜୁ କରି ତଦନ୍ତ ଚଳାଇଛି। ଏସ୍‌ପି ଅଲେଖ ଚନ୍ଦ୍ର ପହୀ, ଖୋର୍ଦ୍ଧା ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଟାଉନ ଥାନା ଇନଚାର୍ଜ ଡିଏସ୍‌ପି ସଞ୍ଜୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ପଦ୍ମଲୋଚନ ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

## ପଞ୍ଚାୟତ କାର୍ଯ୍ୟାଳୟରେ ଦନ୍ତ ଚିକିତ୍ସା ଶିବିର



ଶିବିରରେ ରୋଗୀଙ୍କ ଦାନ୍ତ ପରୀକ୍ଷା କରାଯାଉଛି ।

ନିମାପଡ଼ା,୩।୪(ଡି.ଏନ୍.ଏ.):

କିଟ୍ ବିଶ୍ୱବିଦ୍ୟାଳୟର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍ସ ଭୁବନେଶ୍ୱର ପକ୍ଷରୁ ରବିବାର ନିମାପଡ଼ା ବ୍ଲକ ଧନୁଆଁ ପଞ୍ଚାୟତ ସହାୟତାରେ ମାଗଣା ଦନ୍ତ ଚିକିତ୍ସା ଶିବିର ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସ୍ଥାନୀୟ ସରପଞ୍ଚ ମମତା ପରିଡ଼ା ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ସମିତି ସଭ୍ୟ ଜୟଦେବ ସ୍ୱାଇଁ, ପୂର୍ବତନ ସରପଞ୍ଚ ଗୋକୁଳାନନ୍ଦ ପରିଡ଼ା, ସାମାଜିକ କର୍ମୀ ଭୀମସେନ ପଣ୍ଡା, ସହଦେବ ସ୍ୱାଇଁ, କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍ସର ଡା.ଗୁଞ୍ଜନ କୁମାର, ଆଲୋକ ସେଠୀ, ସମୀକ୍ଷା ଜେନା, ପାୟଲ ଦାସ, ପ୍ରିୟଙ୍କା ବ୍ରହ୍ମା, ରୋମିନ ମଣ୍ଡଳ, ପ୍ରତୀକ୍ଷ ଚୌଧୁରୀ, ପ୍ରିୟରାଜ, ସାଇସ୍ମିତା ସାହୁ ପ୍ରମୁଖ ଯୋଗଦେଇ ତମାଖୁ ସେବନ ବର୍ଜନ ସମ୍ପର୍କରେ ସଚେତନ କରାଇଥିଲେ। ଶିବିରରେ ୨ଶହରୁ ଉର୍ଦ୍ଧ୍ୱ ଲୋକଙ୍କ ଦନ୍ତ ଚିକିତ୍ସା ସହ ମାଗଣାରେ ପେଷ୍ଟ ଏବଂ ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ପଞ୍ଚାୟତର ୱାର୍ଡ ସଭ୍ୟମାନେ ଯୋଗଦେଇଥିବା ବେଳେ ଧନୁଆଁ ପଞ୍ଚାୟତ ପକ୍ଷରୁ ସମସ୍ତ ସହାୟତା ପ୍ରଦାନ କରାଯାଇଥିଲା।

## ଆଜାଦୀ କା ଅମୃତ ମହୋତ୍ସବ

କୋଣାର୍କ, ୩।୪(ଡି.ଏନ୍.ଏ.):

ସାମାଜିକ ସଂଗଠନ ଅର୍କଶ୍ରୀ ଆନୁକୂଲ୍ୟରେ ଉତ୍କଳ ଦିବସ ସମାରୋହ ପାଳନ ଅବସରରେ ଭାରତ ସ୍ୱାଧୀନତାର ୭୫ ପୂର୍ତ୍ତିରେ ଆଜାଦୀ କା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବ ପରିପ୍ରେକ୍ଷୀରେ ବୀର ମହାପୁରୁଷଙ୍କ ଅମ୍ଳାନ କୀର୍ତ୍ତିର ସ୍ମୃତିଚାରଣ ନିମନ୍ତେ ୭୫ଗୋଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ସଂସ୍କୃତି ଗବେଷକ ଡ. ଉପେନ୍ଦ୍ର ନାଥ ଭୋଳ, ପୂର୍ବତନ ପ୍ରଧାନ ଶିକ୍ଷକ ବିଦ୍ୟାଧର ଜେନା, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ର ନାଥ ବାହିନୀପତି, ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରକାଶ ଚନ୍ଦ୍ର ପାତ୍ର, ଗଙ୍ଗାଧର ବେହେରା, ପୂର୍ଣ୍ଣଚନ୍ଦ୍ର ଭୋଳ, ପ୍ରବୀର କୁମାର ସେନ୍ ପ୍ରମୁଖ ଯୋଗଦେଇ ମହାପୁରୁଷମାନେ କିପରି ନିଜ ଜୀବନକୁ ବାଜିରେ ଲଗାଇଥିଲେ ତାହା କହିଛନ୍ତି। ଏହି ଅବସରରେ ସଂସ୍କୃତି ଗବେଷକ ଭୋଳ, ସଂସଦର ସମ୍ପାଦକ ବାହିନୀପତି ବହୁ ଉପାଦେୟ ତଥ୍ୟ ଉପସ୍ଥାପନ କରି ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରତାପ ରାଉତ ସଂଯୋଜନା କରିଥିଲେ। ଏହାକୁ ସଙ୍ଗଠନର ସଂଯୋଜକ ସୁରେଶ ଚନ୍ଦ୍ର ସ୍ୱାଇଁ, ନିରଞ୍ଜନ ମଲ୍ଲିକ, ଧରିତ୍ରୀ ଚାଟାର୍ଜୀ, ସୁଦୀପ୍ତା ମହାନ୍ତି, ବିଷ୍ଣୁପ୍ରିୟା ପାଇଟାଳ ଓ କୁନାଲ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଶିଶୁ କଳାକାରମାନେ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ ହୋଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଭାରତୀୟ ସଂସ୍କୃତି ରକ୍ଷା ପାଇଁ ଉଦ୍ୟମ ଲୋଡ଼ା

### ବିଭିନ୍ନ ସଙ୍ଗଠନ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳିତ

ପୁରୀ ଅଫିସ, ୩।୪:

ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ଶନିବାର ରାଷ୍ଟ୍ରୀୟ ନବବର୍ଷ ପାଳନ ଅବସରରେ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ମାର୍କେଟ ଛକଠାରୁ ଶୋଭାଯାତ୍ରା ବାହାରି ବଡ଼ଦାଣ୍ଡ ଦେଇ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚଠାରେ ପହଞ୍ଚିଥିଲା। ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ସଭାରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଡ. ହରିହର ହୋତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ସଂସ୍କୃତି ରକ୍ଷା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ସମୀର କୁମାର ମହାନ୍ତି ଯୋଗଦେଇ କହିଥିଲେ, ପାଶ୍ଚାତ୍ୟ ସଂସ୍କୃତି ସମାଜକୁ ପଥଭ୍ରଷ୍ଟ କରୁଛି। ଏହାକୁ ରୋକା ନ ଗଲେ ଭାରତୀୟ ସଂସ୍କୃତି ଲୋପ ପାଇଯିବ। ଚୈତ୍ର ଶୁକ୍ଳ ପ୍ରତିପଦାକୁ ରାଷ୍ଟ୍ରୀୟ ନବବର୍ଷ ରୂପେ ପାଳନ କରିବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅନିମା ଦାଶ, ଭାସ୍କର ପାତ୍ର, ଇଂ. ସୂର୍ଯ୍ୟ ରଥ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ମନୋରଞ୍ଜନ ସାହୁ, ରାଜକିଶୋର ସାହୁ, ସଭାପତି ବୈଦ୍ୟନାଥ ମହାସୁଆର, ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ପୁରୁଷୋତ୍ତମ ନାୟକ ଓ ବିକାଶ ଦତ୍ତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାମଦେବ ନାୟକ ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି ଭାରତ ବିକାଶ ପରିଷଦ, ଶ୍ରୀଜଗନ୍ନାଥ ଧାମ ଶାଖା, ପୁରୀ ତରଫରୁ ମୁକ୍ତିକାନ୍ତ ଦାସଙ୍କ ସଭାପତିତ୍ୱରେ ତ୍ରିଦେବ ଭିଲ୍ଲାରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଇଛି। ନୂତନ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବେ ବୁଦ୍ଧଦେବ ମହାପାତ୍ର, ଶରତ ଜୟସିଂ, ସନ୍ତୋଷ ମହାନ୍ତି, ଡ. ନୃସିଂହ ଚରଣ ଦାସ, ଡ. ସୁରେନ୍ଦ୍ର ନାଥ ପତି, ପ୍ରାଧ୍ୟାପକ ସୌଭାଗ୍ୟ କୁମାର ସାହୁ ଯୋଗଦେଇ ଯେବେଠୁ ସୃଷ୍ଟିର ସଂରଚନା ହେଲା ସେବେଠାରୁ ସମ୍ବତ ଆରମ୍ଭ ହେଲା ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ପ୍ୟାରୀ ମୋହନ ପଟ୍ଟନାୟକ ଯୋଗଦେଇ ଆଧାତ୍ମିକ, ପୌରାଣିକ, ଐତିହାସିକ, ବୈଜ୍ଞାନିକ ତଥା ତାତ୍ତ୍ୱିକ ଦୃଷ୍ଟିରୁ ଭାରତରେ ଚୈତ୍ର ଶୁକ୍ଳ ପ୍ରତିପଦାଠାରୁ ନବବର୍ଷ ପାଳନ କରିବା ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତ ବିକାଶ ପରିଷଦର ରାଷ୍ଟ୍ରୀୟ ମହାସଚିବ (ପୂର୍ବକ୍ଷେତ୍ର) ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ରଥଙ୍କ ଦ୍ୱାରା ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୀତାମ୍ବର ମହାପାତ୍ର ଧନ୍ୟବାଦ ଦେଇଥିଲେ। ସୁପ୍ରୀତି ରଥ, ମୋନାଲିସା ପଟ୍ଟନାୟକ, ମୀରା ମହାରଣା, ମମତା ପାତ୍ର, ରାମଚନ୍ଦ୍ର ଦଳାଇ, ଜଗଦୀଶ ଆଚାର୍ଯ୍ୟ, ଲାଲା ଅନନ୍ତ କୁମାର ସିଂ, ସୌମେନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ।